# ଚିରସ୍ରୋତା ଗୋବରୀ ନଦୀ ଏବେ ବିଷମୟ

**ମହାକାଳପଡ଼ା, ୫।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ):**

କେନ୍ଦ୍ରାପଡ଼ା-ଯାଜପୁର ଲଳିତଗିରି ଓଳାଶୁଣୀ ପାହାଡ଼ ପାଦଦେଶରୁ ପ୍ରବାହିତ ଚିରସ୍ରୋତା ଗୋବରୀ ନଦୀ କେନ୍ଦ୍ରାପଡ଼ା ମଧ ଦେଇ ଜମ୍ବୁ ସଂଲଗ୍ନ ବଙ୍ଗୋପସାଗର ଚଟକା ହ୍ରଦରେ ମିଶିଛି। ଏବେ ଏହା ଅବହେଳିତ ହୋଇ ବିଷାକ୍ତ ହେବାରେ ଲାଗିଛି। ପ୍ରାଚୀନ ଓଳାଶୁଣୀ ଗୁମ୍ଫା ପାହାଡ଼ରୁ ପ୍ରବାହିତ ଗୋବରୀ ସମୟ କ୍ରମେ ପଠା ସୃଷ୍ଟି ହୋଇ ପୋତି ହୋଇଯାଇଥିବା ଦେଖିବାକୁ ମିଳୁଛି। ଗୋବରୀ ନଦୀ ପଥରେ ସମୁଦ୍ରରୁ ବ୍ରିଟିଶ ଶାସକମାନେ ଷ୍ଟିମର ଯୋଗେ ବାଣିଜ୍ୟ ବ୍ୟବସାୟ କରୁଥିଲେ। ଓଡ଼ିଶାର ପ୍ରମୁଖ ହଜାର ବର୍ଷର ପ୍ରାଚୀନ ନୌବାଣିଜ୍ୟ କେନ୍ଦ୍ର କଟକ ଜୋବ୍ରାକୁ ଜଳପଥରେ ପରିବହନ କରାଯାଉଥିଲା। ପୂର୍ବପରି ଚିରସ୍ରୋତା ଗୋବରୀ ନଦୀ ମଝିରେ ବାଲି, ମାଟି, ପଙ୍କ, ଛୋଟ ଛୋଟ ଗଛଲତା, କଳିକତି ଦଳରେ ପରିପୂର୍ଣ୍ଣ ହୋଇଛି। ଦିନ ଥିଲା ଏହି ଗୋବରୀ ନଦୀରେ ଇଲିଶି, ଭେକ୍ଟା, ଖଙ୍ଗା, ବଡ଼ ଚିଙ୍ଗୁଡ଼ି, ଶାଆଳ, ଚିତଳ ସମେତ ବହୁ ପ୍ରଜାତିର ମାଛ ଧରି ସ୍ଥାନୀୟ ଧୀବର ଗୁଜୁରାଣ ମେଣ୍ଟାଉଥିଲେ। ପୂର୍ବପରି ମାଛ ମିଳୁନାହିଁ। କାରଣ ମାଛବଂଶ ଧୀରେ ଧୀରେ ଲୋପପାଇବାକୁ ବସିଲାଣି। ପୂର୍ବରୁ ନଦୀରେ ଧୀବରମାନେ ମାଛ ଧରି ପରିବାର ପ୍ରତିପୋଷଣ କରୁଥଲେ। ମାତ୍ର ସେଥିରୁ ଏବେ ଦିନକୁ ୨ କିଲୋ ମାଛ ଧରିବା କଷ୍ଟସାଧ ହେଉଥିବା ଓରତ, ଅଳାଇଲୋ ଅଞ୍ଚଳର କେତେଜଣ ପାରମ୍ପରିକ ମତ୍ସ୍ୟଜୀବୀ କହିଛନ୍ତି। ସେହିପରି ପ୍ରାଚୀନ ଓରତ ଘାଟଠାରେ ଏକ ସେତୁ ନିର୍ମାଣ ପରେ ଉଭୟ ପାର୍ଶ୍ୱରେ ବୃହତ୍ ପଠା ସୃଷ୍ଟି ହୋଇଛି। ଏହି ପଠାରେ ବର୍ଷ ସାରା ଦେଶୀ ବିଦେଶୀ ପକ୍ଷୀଙ୍କ ଆଖଡ଼ା ଜମାଇବା ଦେଖିବାକୁ ମିଳେ। ଅପରପକ୍ଷରେ ଗୋବରୀ ନଦୀର ରଡ଼ିଆ, କାଉସପାଳ, ଭାଟେଣି ଆଦି ଅଞ୍ଚଳଗୁଡ଼ିକରେ ପଠା ଦେଖିବାକୁ ମିଳୁଛି। ନଦୀରେ ବହୁ ସଂଖ୍ୟାରେ ବଉଳା କୁମ୍ଭୀରଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ , ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି।



ଚିରସ୍ରୋତା ଗୋବରୀ ନଦୀ ଓରତ ସଂଲଗ୍ନ ସ୍ଥୂପ ପାଲଟିଛି ।

ଏହି ଗୋବରୀ ନଦୀରେ କେତେଜଣ ଦୁର୍ବୃତ୍ତ ବିଳମ୍ବିତ ରାତିରେ ସାମୁଦ୍ରିକ ଜୁଆର ସମୟରେ ବିଷ ପକାଇ ମୂଲ୍ୟବାନ ମାଛ ମାରୁଛନ୍ତି। ବିଶେଷକରି ବଡ଼ ବଡ଼ ଚିଙ୍ଗୁଡ଼ି ବିଷ ନିଶାରେ କୂଳରେ ଲାଗିଥାନ୍ତି। ପରେ ସକାଳୁ ସକାଳୁ ନଦୀ କୂଳରୁ ଚିଙ୍ଗୁଡ଼ି ଧରି କିଲୋ ପ୍ରତି ୫ ଶହରୁ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ଥାନୀୟ ମାଛ ଗଦିରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ନଦୀପାଣି ବିଷାକ୍ତ ହେଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ସାଧାରଣତଃ ନଦୀ କୂଳିଆ ଗାଁର ଲୋକ ଏହି ନଦୀ ଜଳକୁ ନିତ୍ୟ ବ୍ୟବହୃତ କରିଥାନ୍ତି। ସେହିପରି ନଦୀରେ ଗାଧୋଇବାଠାରୁ ଆରମ୍ଭକରି ଗୃହପାଳିତ ପ୍ରାଣୀମାନଙ୍କୁ ନଦୀର ଜଳକୁ ବ୍ୟାବାହର କରାଯାଇଥାଏ। ଦୁର୍ବୃତ୍ତମାନେ ନଦୀରେ ବିଷ ପକାଇବା ଦ୍ୱାରା ଏହାର ପ୍ରଭାବରେ ଶରୀରରେ ବିଭିନ୍ନ ଚର୍ମରୋଗ ଓ ଅନ୍ୟ ମାରାତ୍ମକ ରୋଗର ଶିକାର ପ୍ରାଣୀମାନେ ହେଉଛନ୍ତି। ସ୍ଥାନୀୟ ଲୋକ ନଦୀକୁ ଶୌଚହେବାକୁ ଯାଇ କୁମ୍ଭୀର ଆକ୍ରମଣରେ ଶିକାର ହେଉଥିବା ଦେଖିବାକୁ ମିଳିଛି। ତେବେ ଏହି ନଦୀ କେନ୍ଦ୍ରାପଡ଼ାଠାରୁ ଜମ୍ବୁ ପର୍ଯ୍ୟନ୍ତ ଖନନ ପାଇଁ ଜଳସେଚନ ବିଭାଗ (ଜଳନିକାଶ ବିଭାଗ) ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ ହେଉଥିବା ପ୍ରାରମ୍ଭିକ ସୂଚନା ମିଳିଛି। ଏଥିପାଇଁ ୮ ଶହ କୋଟି ଟଙ୍କାର ଏକ ପ୍ରସ୍ତାବିତ ମେଗା ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ସହାୟତା ମିଳିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ନଦୀ କୂଳିଆ ଚାଷ ଜମିଗୁଡ଼ିକରେ ବିଭିନ୍ନ ପ୍ରକାର ପନିପରିବା ଫସଲ, ଧାନ, ମୁଗ, ବିରି, ଆଳୁ, ଲଙ୍କା ଆଦି ଚାଷ କରାଯାଉଥିବା ଦେଖିବାକୁ ମିଳେ। ପ୍ରାଚୀନ ଚିରସ୍ରୋତା ଗୋବରୀ ନଦୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅବିନାଶ



@ ପପୁ



@ ପିଣ୍ଟୁ



@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କେନ୍ଦ୍ରୀୟ ବଜେଟକୁ ପୋଡ଼ିଲେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା





ବାମ ଦଳର କର୍ମକର୍ତ୍ତାମାନେ କେନ୍ଦ୍ରୀୟ ବଜେଟକୁ ବିରୋଧ କରୁଛନ୍ତି ।

**କେନ୍ଦ୍ରାପଡ଼ା,୫।୨ (ଜଗନ୍ନାଥ ଧଳ):**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ତାରିଖରେ ବଜେଟ ଉପସ୍ଥାପନ କରିଛନ୍ତି। ଏହା ଜନହିତ ବିରୋଧୀ ଓ କର୍ପୋରେଟଙ୍କ ଲୁଣ୍ଠନ ପାଇଁ ଉଦ୍ଦିଷ୍ଟ କହି କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବଜେଟକୁ ପୋଡ଼ିବା ସହ ଏକ ବିକଳ୍ପ ବଜେଟ ଆୟୋଜିତ ପ୍ରତିବାଦ ସଭାରେ ଉପସ୍ଥାପନ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅଜୟ ସାମଲଙ୍କ ଅଧ୍ୟକ୍ଷତାରେ ସଂଯୁକ୍ତ କିଷାନ ମୋର୍ଚ୍ଚା, ମିଳିତ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ, ସ୍ୱାଧୀନ ଫେଡରେଶନ ସମୂହ ଓ ଯୁବ, ଛାତ୍ର, ମହିଳା ସଙ୍ଗଠନ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ଜଗତ ଜୀବନ ଦାଶ, ଫକୀର ଚରଣ ଖଟୁଆ, ପ୍ରକାଶ ମହାନ୍ତି, ଏଲିନା ସାମନ୍ତରାୟ, ପ୍ରଫୁଲ୍ଲ ଦାସ, ବିଜୟ ଦାସ, ଭୀମସେନ ବେହେରା, ସଂଯୁକ୍ତା ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ କହିଥିଲେ, ଅର୍ଥମନ୍ତ୍ରୀ ସୀତାରମଣଙ୍କ କେନ୍ଦ୍ର ବଜେଟ୍ ଗରିବ ବିରୋଧୀ ଓ ସରକାରଙ୍କ ଘନିଷ୍ଠ ମିତ୍ର କର୍ପୋରେଟ୍ ସଂସ୍ଥାର ସ୍ୱାର୍ଥ ରକ୍ଷା କରିବାକୁ ପ୍ରସ୍ତୁତ ହୋଇଛି। ଏମ୍ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ସୁନିଶ୍ଚିତ କରିବା, ଫସଲ ସଂଗ୍ରହରେ କ୍ରୟ ସମ୍ପ୍ରସାରଣ କିମ୍ବା କୃଷକଙ୍କୁ ଋଣବୋଝରୁ ମୁକ୍ତ କରିବାକୁ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଶୀଘ୍ର ନିର୍ବାଚନୀ ଫାଇଦା ପାଇବା ଉଦ୍ଦେଶ୍ୟରେ ବହୁ ଚର୍ଚ୍ଚିତ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। ଏହି କରଛାଡ଼ ଫଳରେ ଦର ବୃଦ୍ଧି, ଉଚ୍ଚ ହାରର ପରୋକ୍ଷ ଟିକସ, ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭ୍ରମଣ ଇତ୍ୟାଦି କ୍ଷେତ୍ରରେ ଖର୍ଚ୍ଚ ବୃଦ୍ଧି ଯୋଗୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବ। ଦରଦାମକୁ ରୋକିବା ଏବଂ ଉଚ୍ଚ ସୂଚକାଙ୍କରେ ଥିବା ବେକାରୀଙ୍କୁ କମାଇବା ପାଇଁ ଠୋସ କୌଣସି ଯୋଜନା ନାହିଁ। ଏହି ଅବସରରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ବଜେଟକୁ ଉପସ୍ଥାପନ ସହ କେନ୍ଦ୍ର ସରକାରଙ୍କ ୨୦୨୫- ୨୬ ବଜେଟକୁ ପୋଡ଼ି ଥିଲେ।

# ଆନ୍ତର୍ଜାତିକ ନାଟକ ମହୋତ୍ସବରେ ପାରାଦୀପର କାନମାସ ସାମିଲ

**ପାରାଦୀପ,୫।୨(ଶରତ ରାଉତ):**

**ଫେବୃଆରୀ ୯ରେ ନାଟକ 'ନିଃସଙ୍ଗ ନାୟକ' ପରିବେଷଣ**

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ନ୍ୟାଶନାଲ ସ୍କୁଲ ଅଫ ଡ୍ରାମା (ଏନଏସଡି)ପକ୍ଷରୁ ଜାନୁଆରୀ ୨୪ରୁ ଫେବୃୟାରୀ ୧୯ ପର୍ଯ୍ୟନ୍ତ ଆନ୍ତର୍ଜାତିକ ନାଟକ ମହୋତ୍ସବ ଚାଲିଛି। ଏହି ମହୋତ୍ସବରେ ପାରାଦୀପର ନାଟ୍ୟ ଅନୁଷ୍ଠାନ କାନମାସ ସାମିଲ ହେବ। ଏ ନେଇ ଭାରତ ସରକାରଙ୍କ ପକ୍ଷରୁ ଏକ ଚିଠି କାନମାସ ଅନୁଷ୍ଠାନକୁ ଆସିଛି। ଫେବୃଆରୀ ୯ରେ କାନମାସ ତା'ର ନାଟକ 'ନିଃସଙ୍ଗ ନାୟକ' ମଞ୍ଚସ୍ଥ କରିବ। କାଳୀଚରଣ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଧାରିତ,ଶୈଳେଶ୍ୱର ନନ୍ଦଙ୍କ ରଚିତ ଏବଂ ଶ୍ରୀମନ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ ନିସଙ୍ଗ ନାୟକରେ ବିଷୟ ହେଉଛି, କଳାର ଶେଷ ନାହିଁ କି କଳାକାରର ମୃତ୍ୟୁ ନାହିଁ। ଏହି ନାଟକରେ ଅଭିନୟ କରୁଥିବା ସମସ୍ତ କଳାକାର ଓ ଅନ୍ୟ ସହାୟତା କର୍ମଚାରୀ ଫେବୃଆରୀ ୭ରେ ଦିଲ୍ଲୀ ଗସ୍ତ କରିବେ ବୋଲି ଅନୁଷ୍ଠାନର ପ୍ରମୁଖ ସଦସ୍ୟ ନିରୋଜ କୁମାର ପଟ୍ଟନାୟକ ବୁଧବାର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୨ ଦଶନ୍ଧି ଧରି କାନମାସ ଜାତୀୟ ନାଟକ ମହୋତ୍ସବ ଆୟୋଜନ କରୁଛି। ୨୦୧୬ରେ ଏହି ଅନୁଷ୍ଠାନ କାଳଜୟୀ ଲେଖକ କାଳନ୍ଦି ଚରଣ ପାଣିଗ୍ରାହୀଙ୍କ ଲିଖିତ ନାଟକ 'ଘିନୁଆ' ଆନ୍ତର୍ଜାତିକ ମଞ୍ଚରେ ପରିବେଷଣ କରାଯାଇଥିଲା। ସେତେବେଳେ ଏହି ନାଟକ ଅନେକ ପୁରସ୍କାର ଲାଭ କରିଥିଲା। ଏବେ ୯ ବର୍ଷ ପରେ ପୁଣି ସେପରି ଆନ୍ତର୍ଜାତିକ ମଞ୍ଚ ମିଳିଥିବାରୁ ନାଟ୍ୟ ଅନୁଷ୍ଠାନ ସହ ଜଡିତ ସମସ୍ତ କଳାକାର ଓ ସଦସ୍ୟ ଖୁସିବ୍ୟକ୍ତ କରିଛନ୍ତି।

# ବାଲି ଚୋରାଚାଲାଣ: ୫ ହାଇୱା ଜବତ

**ନାଉଗାଁ,୫।୨(ସୁଧା ବେହୁରା):**

ନାଉଗାଁ ତହସିଲ ଅଧୀନ ଦେବୀ ନଦୀର ଗଳଦାରୀ ବାଲି ସୈରାତରୁ ବାଲି ଚୋରା ଚାଲାଣ ସମୟରେ ୫ଟି ହାଇୱାକୁ ବୁଧବାର ସକାଳେ ପୋଲିସ ଜବତ କରି ଥାନାରେ ଅଟକ ରଖିଛି। ନିୟମାନୁସାରେ ବାଲି ସୈରାତରୁ ବାଲି ପରବହନ ସମୟରେ ଓାଇ ଫର୍ମ ବାଧ୍ୟତାମୂଳକ କରାଯାଇଛି। ଏହି ଫର୍ମରେ ବାଲି କେଉଁ ସ୍ଥାନରୁ କେଉଁ ସ୍ଥାନ ପର୍ଯ୍ୟନ୍ତ ପରିବହନ କରାଯିବ ଓ କେତେ ବାଲି ପରିବହନ ହେବ ତାହା ସଠିକ ଭାବେ ଦର୍ଶାଯାଇଥାଏ। ପୋଲିସ ପକ୍ଷରୁ ପାଟ୍ରୋଲିଂ ସମୟରେ ମୁଗେଇଛକ ନିକଟରେ ୫ଟି ଗାଡି ଯାଞ୍ଚ କରାଯାଇଥିଲା। ଉକ୍ତ ଗାଡ଼ିଗୁଡ଼ିକର ୱାଇ ଫର୍ମ ନଥିବାରୁ ସେଗୁଡ଼ିକୁ ଅଟକ ରଖାଯାଇଛି। ଏନେଇ ମାଇନିଂ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଦିଆଯାଇଛି ବୋଲି ଭାରପ୍ରାପ୍ତ ଥାନାଧିକାରୀ ନୀଳମଣି ନାୟକ ସୂଚନା ଦେଇଛନ୍ତି। ମାଇନିଂ ପକ୍ଷରୁ ଯାଞ୍ଚ କରାଯିବା ପରେ ମାମଲା ରୁଜୁ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ବାଲି ଘାଟକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ, ୩ ଆହତ

**ପଟ୍ଟାମୁଣ୍ଡାଇ,୫।୨ (କଳ୍ପତରୁ ନାୟକ)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଚନ୍ଦନପୁର ବାଲି ଘାଟରୁ ବେଆଇନ ବାଲି ଉତ୍ତୋଳନକୁ କେନ୍ଦ୍ରକରି ବୁଧବାର ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ଚଉଦକୁଲାଟ ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ପଠାରୁ କେତେଜଣ ବ୍ୟକ୍ତି ବାଲି ଚୋରାରେ ଚାଲାଣ କରି ଆସୁଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଚାଷ ଜମି, ବାଡ଼ି ବଗିଚା ଘର ଦ୍ୱାର ବାଲି ଉଡ଼ି ଭର୍ତ୍ତି ହୋଇଯାଉଛି। ବାଲି ଘାଟ ବନ୍ଦ କରିବା ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଦାବି ହୋଇ ଆସୁଥିଲା। ମାତ୍ର ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନିଆ ନ ଯିବାରୁ ବଲି ବ୍ୟବସାୟୀଙ୍କ ପାଦୁର୍ଭାବ ବଢ଼ି ଚାଲିଥିଲା। ଅପରାହ୍ନରେ କୌଣସି କାରଣକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମା ସାଗର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଘାଟରୁ ଜେସିବିକୁ ଜବତ କରି ଥାନାକୁ ଆଣିଛନ୍ତି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ମଣ୍ଡିରେ ଧାନ ନ ଉଠିବାରୁ ଚାଷୀ ଅସନ୍ତୁଷ୍ଟ

**ଉଦ୍‌ଘାଟନ ୧୩ ଦିନ ପରେ ମଣ୍ଡି ଖୋଲିଲା**

ନାଉଗାଁ,୫।୨(ସୁଧା ବେହୁରା): ନାଉଗାଁ ବ୍ଲକ ଗଜରାଜପୁର ପ୍ରାଥମିକ ସେବା ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟନ ହେବାର ୧୩ ଦିନ ପରେ ବୁଧବାର ଖୋଲିଥିଲା। ଏହି ମଣ୍ଡିରେ ପ୍ରଥମ ଦିନ ଧାନ ଦେବା ପାଇଁ ୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ ଯାଇଥିଲା। ଏହି ଅନୁଯାୟୀ, ୬ ଜଣ ଚାଷୀ ଧାନ ନେଇ ମଣ୍ଡିକୁ ଆସିଥିଲେ। ଧାନ ସଂଗ୍ରହ କରିବା ପାଇଁ ନିର୍ଦ୍ଧାରିତ ସମୟରେ ମିଲର ମଧ ଆସିଥିଲେ। କିନ୍ତୁ ଏଫଏକ୍ୟୁ ମାନ ନିର୍ଦ୍ଧାରଣ ନେଇ ମିଲର ଧାନ ନେଇ ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଚାଷୀ ଜ୍ୟୋତି ରଞ୍ଜନ ମହାନ୍ତି ଓ ସୁରେନ୍ଦ୍ରନାଥ ମହାନ୍ତିଙ୍କ କହିବା ମୁତାବକ, ଗେନ ଆନାଲାଇଜର ମେଶିନ ମାଧ୍ୟମରେ ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ କରିବା ପରେ ଧାନ ମାପ କରିବାକୁ ମିଲର କହିଥିଲେ। କିନ୍ତୁ ମଣ୍ଡିରେ ଉକ୍ତ ମେଶିନ ଉପଲବ୍ଧ ନଥିବା ହେତୁ ଧାନର ମାନ ନିର୍ଦ୍ଧାରଣ ହୋଇପାରି ନ ଥିଲା। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ପ୍ରଥମେ ସୁପରଭାଇଜର ତଥା ତହସିଲଦାର ଅକ୍ଷୟ କୁମାର ବଡୁ ଯାଇ ଚାଷୀ ଓ ମିଲରଙ୍କ ମଧ୍ୟରେ ବୁଝାଶୁଝା କରିଥିଲେ ମଧ ସମାଧାନର ବାଟ ବାହାରି ନ ଥିଲା। ପରେ ଉପଜିଲାପାଳ ପ୍ରଶାନ୍ତ ତରାଇ ପହଞ୍ଚି ଗୁରୁବାର ଉକ୍ତ ମେଶିନ ଆସିବା ପରେ ଧାନର ମାନ ନିର୍ଦ୍ଧାରଣ ହେବ। ମିଲର ଧାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଓଳାଶୁଣୀ ଗୁମ୍ଫାମେଳା ସରିଲା



ଓଳାଶୁଣୀ ଗୁମ୍ଫା ମେଳା ଉଦ୍‌ଯାପନୀ ଉତ୍ସବରେ ଅତିଥି ବିଜେତା କଳାକାରଙ୍କୁ ପ୍ରମାଣ ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି ।

**ଚଣ୍ଡିଖୋଲ,୫।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ଉଦ୍‌ଯାପିତ ହୋଇଯାଇଛି। ଗତ ଜାନୁଆରୀ ୨୫ରୁ ଆରମ୍ଭ ହୋଇଥିବା ଏହି ମେଳା ୧୧ ଦିନ ଧରି ଚାଲିଥିଲା। ଶେଷଦିବସରେ ପଲ୍ଲିଶ୍ରୀ ମେଳା ପରିସରରେ ବଡ଼ଚଣା ପଞ୍ଚାୟତ ସମିତି ଆନୁକୂଲ୍ୟରେ ହୋଇଥିବା ମଞ୍ଚରେ ବଡ଼ଚଣା ପତିତପାବନ କଳା ପରିଷଦ ପକ୍ଷରୁ ସମ୍ବଲପୁରୀ ଓ କଥକ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଦର୍ଶକ ବେଶ ଝୁମିଥିଲେ। ଏହି ଅବସରରେ ଓଳାଶୁଣୀ ଫାଉଣ୍ଡେସନ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଫାଉଣ୍ଡେଶନ ଅଧ୍ୟକ୍ଷ ରୁଦ୍ରନାରାୟଣ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜଷ୍ଟିସ ଦେବଦତ୍ତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ସୁମନ୍ତ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଂଯୋଜକ ଅଶୋକ ସାମଲ କାର୍ଯକ୍ରମ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି, ଫାଉଣ୍ଡେସନ ଉପସଭାପତି ବିକ୍ରମ କେଶରୀ ପ୍ରଧାନ, ଶ୍ରୀକାନ୍ତ କୁମାର ରାଉତ ଓ ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବିଜେତା କଳାକାରଙ୍କୁ ପ୍ରମାଣ ପତ୍ର ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିପିନ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ନୂତନ ବ୍ଲକ୍ ଗଠନ ଦାବି କଲେ ୧୦ ପଞ୍ଚାୟତ ବିକାଶ ପରିଷଦ

**ଆଳି, ୫।୨( ବନମାଳୀ ସେନାପତି)**

୧୦ପଞ୍ଚାୟତବିକାଶପରିଷଦରଆବାହକ ବ୍ରଜ ସୁନ୍ଦର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏହାର ୨ୟ ଅଧିବେଶନ ସିଙ୍ଗିରି ଶୁଭମ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ୨୦୦୯ରେ ନିର୍ବାଚନମଣ୍ଡଳୀ ପୁନଃ ସୀମା ନିର୍ଦ୍ଧାରଣ ପରେ ତତ୍କାଳୀନ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀର ଏହି ୧୦ ପଞ୍ଚାୟତ ଆଳି ନିର୍ବାଚନମଣ୍ଡଳୀରେ ମିଶିବା ପରଠୁ କ୍ରମାଗତ ଭାବେ ପ୍ରଶାସନ ଦ୍ୱାରା ଅବହେଳାର ଶିକାର ହେଉଥିବା ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ବିଶେଷ କରି ଏହି ୧୦ ପଞ୍ଚାୟତରେ ଜନସାଧାରଣଙ୍କ ବହୁ ମୌଳିକ ସମସ୍ୟା ଯଥା ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ଗମନାଗମନ ସହ ଏପରିକି ଦୀର୍ଘଦିନରୁ ପୋଲିସ୍ ଫାଣ୍ଡିଟିଏ ମଧ ହୋଇ ପାରୁ ନ ଥିବାରୁ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ୧୦ ପଞ୍ଚାୟତ ଅଧିବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ସହ ୧୦ ପଞ୍ଚାୟତକୁ କେନ୍ଦ୍ରିତ କରି ଏକ ନୂଆ ବ୍ଲକ ଗଠନ କରିବାକୁ ବିକାଶ ପରିଷଦ ସଂଗ୍ରାମ ଜାରି ରଖିବ ବୋଲି ଉପସ୍ଥିତ ଥିବା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଦୃଢୋକ୍ତି ପ୍ରକାଶ କରିଥିଲେ। କ୍ତ ବୈଠକରେ ସରପଞ୍ଚ ସନାତନ ସାହୁ, ହେମନ୍ତ ମହାନ୍ତି, କାନନ ବୀହାରୀ ପରିଡ଼ା, ଅକ୍ଷୟ ଦାସ, ସୁଧୀର ମଳିକ, ସରପଞ୍ଚ ପ୍ରତିନିଧି ବଂଶୀଧର ସ୍ୱାଇଁ, ରଞ୍ଜିତ ବେହେରା, ପୂର୍ବତନ ସରପଞ୍ଚ ରଞ୍ଜନ ଭୂୟାଁ, ବିପିନ ବିହାରୀ ପରିଡ଼ା, ସୁମନ୍ତ ଦାସ, ନୀଳମଣି ସେଠୀ, ଶିକ୍ଷାବିତ ସୁଧୀର ଚନ୍ଦ୍ର ମହାନ୍ତି, ଅଶୋକ ରାଉତ, ଦାମୋଦର ରାଉଳ, କ୍ଷୀରୋଦ ପରିଡ଼ା, ଅଭୟ ସୂତାର, ପ୍ରତାପ ଜେନା, ନକୁଳ ପରିଡ଼ା, ପ୍ରସନ୍ନ ସାହୁ,ଅଭୟ କୁମାର ସାହୁ,ଗୋଲେଖ ଚନ୍ଦ୍ର ସାହୁ, ପ୍ରକାଶ ଭୂୟାଁ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ,ବାବୁରାମ ଜେନା, ମହେଶ୍ୱର ଭୂୟାଁ ଓ ଅନ୍ୟମାନେ ଯୋଗଦେଇଥିଲେ। ସେମାନେ ଆଗାମୀଦିନରେ ନୂତନ ବ୍ଲକ ଦାବି ଜୋରଦାର କରିବାକୁ ମତ ଦେଇଥିଲେ। ଶେଷରେ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ ଧନ୍ୟବାଦ ଦେଇଥିଲେ।



୧୦ ପଞ୍ଚାୟତର ଜନ ପ୍ରତିନିଧି ଓ ଲୋକମାନେ ଏକାଠି ହୋଇ ନୂଆ ବ୍ଲକ ପାଇଁ ଦାବି କରୁଛନ୍ତି ।

# ଜୀବିକା ମିଶନ ସଂଘର ଇସିଙ୍କ ବିକ୍ଷୋଭ



ନିଖିଳ ଓଡ଼ିଶା ଜୀବିକା ମିଶନ ଇ.ସି. ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଛଟେଇ ନ କରି ଚାକିରିକୁ ସ୍ଥାୟିତ୍ୱ ପାଇଁ ସ୍ମାରକପତ୍ର

**ନୟାଗଡ଼,୫।୨ (ଲୋକନାଥ ମିଶ୍ର)**

ଜୀବିକା ମିଶନ ଓ ମିଶନ ଶକ୍ତିର ତୃଣମୂଳ ସ୍ତରରେ ଥିବା ଇସି ସଦସ୍ୟାଙ୍କ ପକ୍ଷରୁ ବୁଧବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଥିରେ ୩ ହଜାରରୁ ଊର୍ଦ୍ଧ୍ୱ ଇସି ମହିଳା କର୍ମଚାରୀ ଯୋଗ ଦେଇଥିଲେ। ଇସି ସଂଘ ପକ୍ଷରୁ ସିନ୍ଦୁରିଆଠାରୁ ଶୋଭାଯାତ୍ରା ନୟାଗଡ଼ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଥିଲା। ଇସି ସଦସ୍ୟାଙ୍କ ଛଟେଇ କରିବାର ନିଷ୍ପତ୍ତି ବନ୍ଦ କରିବା ସହ ଇସି ସଦସ୍ୟାଙ୍କ ସ୍ଥାୟୀ ନିଯୁକ୍ତି କରିବା ଦାବି ରହିଛି। ଅଭିଯୋଗ ଅନୁସାରେ, ଗ୍ରାମ ପଞ୍ଚାୟତଠାରୁ ଜିଲା ପର୍ଯ୍ୟନ୍ତ ଇସି ସଦସ୍ୟମାନେ ମହିଳା ସଶକ୍ତିକରଣର ହୃତପିଣ୍ଡ ସଦୃଶ କାର୍ଯ୍ୟ କରିଥାଆନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚଜି)ଙ୍କୁ ସଙ୍ଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ ଦେବା, ପ୍ରୋତ୍ସାହିତ କରିବା, ଇସି ସଭାପତି ଓ ସମ୍ପାଦକଙ୍କ ସ୍ୱାକ୍ଷରରେ ଋଣ ଗ୍ରହଣ ଓ ଋଣ ପ୍ରଦାନ କାର୍ଯ୍ୟ କରାଯାଇଥାଏ। ସରକାରୀ କାର୍ଯ୍ୟ ଗୁଡିକ ଲୋକାଭିମୁଖୀ କରିବା ପାଇଁ ଗୋଟିଏ ବା ଦୁଇ ଦିନରେ ସମ୍ଭବ ହୋଇ ନ ଥାଏ। ଇସିମାନେ ତାଲିମପ୍ରାପ୍ତ ହୋଇଥିବାରୁ କାମ ସହଜରେ ହୋଇଯାଏ। ବିଡ଼ମ୍ବନାର ବିଷୟ ଇସିମାନଙ୍କୁ ପ୍ରତି ଦୁଇବର୍ଷକୁ ଥରେ ରିଷ୍ଟ୍ରକଚରିଙ୍ଗ ନାମରେ ଅସ୍ଥାୟୀ ଭାବର ଅନିଶ୍ଚିତତା ଭିତରେ ସ୍ୱଳ୍ପ ମାନଦେୟରେ ରଖାଯାଇଛି। ତେବେ ଓଡ଼ିଶାରେ ଇସିମାନେ ମନୋନିତ ହୋଇଥାନ୍ତି। ଅନ୍ୟପକ୍ଷେ ଇସିମାନେ ମନୋନୀତ ହେବାଠାରୁ ରିଷ୍ଟ୍ରକଚରିଙ୍ଗ ନାମରେ କେବେ ବହିଷ୍କୃତ ହୋଇନାହାନ୍ତି। ଓଡ଼ିଶାରେ ପ୍ରାଥମିକ ପର୍ଯ୍ୟାୟରେ ମନୋନିତ ମିଶନ ଶକ୍ତି ଇସିମାନେ ୨୦୦୦ ମସିହାଠାରୁ ୨୦୧୯ ପର୍ଯ୍ୟନ୍ତ ଭତ୍ତା ନ ପାଇ ସେବା ଯୋଗାଇ ଆସିଥିଲେ। ପରେ ଧାର୍ଯ୍ୟ ଗସ୍ତ ଭତ୍ତା ବ୍ୟବସ୍ଥା ଲାଗୁ ହେବାପରେ ଇସିମାନଙ୍କ ଦୀର୍ଘଦିନର ସେବାକୁ ଅବମୂଲ୍ୟାୟନ କରି ରିଷ୍ଟ୍ରକଚରିଙ୍ଗ ଆଳରେ ହଟାଇବା ସବୁଠାରୁ ଠିକ୍ ନୁହେଁ ବୋଲି ଅଭିଯୋଗ ହେଉଛି। ଯେଉଁ ପଞ୍ଚାୟତରେ ୧୮ଜଣରୁ ଅଧିକ ଇସି ଅଛନ୍ତି ସେଠାରେ ପୂର୍ବରୁ ୨୦ରୁ ୨୫ ଜଣ ଇସି ଥିଲେ। ଅପରପକ୍ଷେ ଇସିଙ୍କ ସଂଖ୍ୟା ହ୍ରାସ ପରେ ୧୮ ଜଣଙ୍କ ଭତ୍ତାକୁ ଭାଗ କରି ଦିଆଯାଉଛି। ୨୦୨୪ ସେପ୍ଟେମ୍ବରଠାରୁ ଏ ପର୍ଯ୍ୟନ୍ତ ଇସିମାନଙ୍କୁ ଭତ୍ତା ମିଳିନାହିଁ। ନୂତନ ସରକାର ଦାୟିତ୍ୱ ନେବା ପରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପରିଡ଼ା ଗଣମାଧ୍ୟମରେ ସ୍ପଷ୍ଟ କରିଥିଲେ ଯେ, ଜୀବିକା ମିଶନ ଅଥବା ମିଶନ ଶକ୍ତି ବନ୍ଦ ହେବନାହିଁ। ବରଂ ଆହୁରି ଶକ୍ତିଶାଳୀ କରାଯିବ। ଜୀବିକା ମିଶନ ଓ ମିଶନ ଶକ୍ତିର ଇସିମାନଙ୍କୁ ବାହାର କରାଯିବନାହିଁ ବୋଲି କହିଥିଲେ। କିନ୍ତୁ ଜାନୁଆରୀ ୮ରେ ଓଡ଼ିଶା ଜୀବିକା ମିଶନର ମିଶନ ନିର୍ଦ୍ଦେଶକ ତଥା ସିଇଓଙ୍କ ପକ୍ଷରୁ ଜିଲାପାଳମାନଙ୍କୁ ଜିପିଏଲ୍ଏଫ୍ ଏବଂ ସିଏଲ୍ଏଫମାନଙ୍କରେ ସଭାପତି ଓ ସମ୍ପାଦକ ରିଷ୍ଟ୍ରକଚରିଙ୍ଗ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜାନୁଆରୀ ୨୨ରେ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ଏକ ୧୨ପୃଷ୍ଠା ସମ୍ବଳିତ ଗାଇଡଲାଇନ ସିଏଲ୍ଏଫ୍, ଜିପିଏଲ୍ଏଫ୍, ବିଏଲ୍ଏଫ୍ ଏବଂ ଡ଼ିଏଲ୍ଏଫ୍ ଇସି ସଦସ୍ୟମାନଙ୍କୁ ରିଷ୍ଟ୍ରକଚରିଙ୍ଗ ମାଧ୍ୟମରେ ବାହାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିଷ୍ଟ୍ରକଚରିଙ୍ଗ ଜନିତ ପଦବୀରୁ ବାହାରି ଗଲେ ସରକାର ଯୋଗାଇଥିବା ସ୍କୁଟର ଋଣ ପରିଶୋଧ ସମ୍ଭବ ହେବ ନାହିଁ। ପୁଣି ସିଏଲଏଫ୍ ରିଷ୍ଟ୍ରକଚରିଙ୍ଗ ହେଲେ ରାଜ୍ୟର ସମସ୍ତ ଇସି ରିଷ୍ଟ୍ରକଚରିଙ୍ଗ ମାଧ୍ୟମରେ ବାଦ ପଡ଼ିଯିବେ। ରାଜ୍ୟର ଲକ୍ଷାଧିକ ଏନ୍ଆରଏଲ୍ଏମ୍ ସ୍କିମ୍ ଇସି ସଦସ୍ୟଙ୍କୁ ରିଷ୍ଟ୍ରକଚରିଙ୍ଗ ଆଳରେ ବାହାର କଲେ ସମଗ୍ର ରାଜ୍ୟରେ କର୍ମଜୀବୀ ମହିଳାଙ୍କ ଅଶାନ୍ତି ବଢିବ। ଏ ପରିପ୍ରେକ୍ଷୀରେ ଇସି ସଦସ୍ୟା ଏନ୍ଆର୍ଏଲ୍ଏମ୍ ସ୍କିମ ୱାର୍କର ଥିବାବେଳେ ଏମାନଙ୍କୁ କାମର ମାନ୍ୟତା , ମାସିକ ଭତ୍ତା ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ, କୁଶଳୀ ଶ୍ରମିକ ସର୍ବନିମ୍ନ ମଜୁରୀ ହାରରେ ଭତ୍ତା ପ୍ରଦାନ, ସାମାଜିକ ନିରାପତ୍ତାରେ ଇପିଏଫ ଏବଂ ଇଏସ୍ଆଇ ସୁବିଧା ଓ ଅନ୍ୟାନ୍ୟ ସାମାଜିକ ନିରାପତ୍ତା ପ୍ରଦାନ କରିବାକୁ ଅନୁରୂପ ଦାବି ରହିଛି। ସେହିପରି ଓଡ଼ିଶାରେ ଏନ୍ଆର୍ଏଲ୍ଏମ୍କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ସିଆର୍ପି ଓ ଏମ୍ବିକେମାନଙ୍କ ୫ ବର୍ଷିଆ ଚୁକ୍ତି ସର୍ତ୍ତାବଳୀ ପ୍ରତ୍ୟାହାର କରି ସ୍ଥାୟୀ ନିଯୁକ୍ତି, ବେକୟା ଭତ୍ତା ପ୍ରଦାନ ସହହ ସମସ୍ତ ସାମାଜିକ ନିରାପତ୍ତା ପ୍ରଦାନ କରିବା ଦାବି ମଧ୍ୟ ରହିଛି। ବିକ୍ଷୋଭରେ ଉପସଭାପତି ପୁଷ୍ପାଞ୍ଜଳି ଜେନା, ଏଆଇଟିୟୁସି ଜିଲା ସଭାପତି କମଲେଶ କୁମାର ଦାଶ, ଏଆଇଟିୟୁସି ଜିଲା ସମ୍ପାଦିକା ଇତି ମାନସିଂହ, ଝରଣା ମନ୍ତ୍ରୀ, ସାବିତ୍ରୀ ପାତ୍ର, ମମତା ବେହେରା,ଗୀତାଞ୍ଜଳି ବେହେରା, ପ୍ରେମଲତା ପାତ୍ର, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ ଯୋଗଦେଇ ସରକାରଙ୍କୁ ସମାଲୋଚନା କରିଥିଲେ। ସରକାର ଦାବି ନ ମାନିଲେ ଆନ୍ଦୋଳନ ତୀବ୍ରତର ହେବ। ଇସିମାନଙ୍କର ଆନ୍ଦୋଳନ ଜିଲାରେ ଟ୍ରେଲର ଥିଲା। ରାଜ୍ୟରେ ଆସନ୍ତା ୧୬ ତାରିଖରେ ଆନ୍ଦୋଳନ ଉଗ୍ରରୂପ ନେବ ବୋଲି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅବିନାଶ


@ ପପୁ


@ ପିଣ୍ଟୁ


@ ପ୍ରକାଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶରଣକୁଳ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଶରଣକୁଳ,୫।୨ (ଦୀପକ କର)**

ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍ଯାପିତ ହୋଇଯାଇଛି। କ୍ରୀଡା ଉତ୍ସବରେ ଉଭୟ ବାଳିକା ଓ ବାଳକ ବିଭାଗରେ ୪୦ଟି ବିଭାଗର ୨୫୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଯୁକ୍ତ ୨ ବାଳକ ବିଭାଗରେ ରୁଦ୍ର ନାୟକ ଓ ବାଳିକା ବିଭାଗରେ ଦିଶାରାଣୀ ପ୍ରଧାନ ଚାମ୍ପିୟନ ହୋଇଥିଲେ। ଯୁକ୍ତ ୩ ପୁରୁଷ ବିଭାଗରେ ବିଜୟ କୁମାର ଘଡେଇ ଓ କୃତିବାସ ମହାପାତ୍ର ଯୁଗ୍ମ ଭାବରେ ଚାମ୍ପିୟନ ହୋଇଥିବା ବେଳେ ଯୁକ୍ତ ୩ ମହିଳା ବିଭାଗରେ ତୁଳସୀ ଦାଶ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ମହାବିଦ୍ୟାଳୟରେ ଅଧକ୍ଷ ମହେଶ୍ୱର ମହାପାତ୍ର କୃତୀ କ୍ରୀଡ଼ାବିତ୍ମାନଙ୍କୁ ଟ୍ରଫି ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। କ୍ରୀଡା ସଂସଦର ଉପସଭାପତି ଦୁର୍ଗା ଚରଣ ନାୟକ ସଭା ସଞ୍ଚାଳନ କରିଥିବାବେଳେ ଅଜୟ କୁମାର ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଉପସଭାପତି ମିଟୁ ସେନାପତି ସହଯୋଗ କରିଥିଲେ। ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ମନୋରଞ୍ଜନ ଦାଶ ଓ କ୍ରୀଡା ଶିକ୍ଷକ ପ୍ରସନ୍ନ କୁମାର ନାୟକ, ଜଗନ୍ନାଥ ପରିଡା ସମସ୍ତ କ୍ରୀଡାକୁ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପିକା ମୋନାଲିସା ସାମଲ ଧନ୍ୟବାଦ ଦେଇଥିଲେ।


କ୍ରୀଡ଼ା ଉତ୍ସବରେ ପିଲାମାନେ କୌତୁକ ଚେୟାର ଖେଳୁଛନ୍ତି।

# ରୁଷିଆ ପର୍ଯ୍ୟଟକ ନୀଳମାଧବ ଜୀଉଙ୍କୁ ଦର୍ଶନ କଲେ


ରୁଷିଆରୁ ଆସିଥିବା ପର୍ଯ୍ୟଟକମାନେ ଶ୍ରୀନୀଳମାଧବଜୀଉଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଆସିଛନ୍ତି।

**ଖଣ୍ଡପଡ଼ା,୫।୨ (ଅଜୟ କୁମାର ମହାରଣା)**

ରୁଷିଆରୁ ଆସିଥିବା ଏକ ୨୭ ଜଣିଆ ବିଦେଶୀ ପର୍ଯ୍ୟଟକ ନାଗା ସମ୍ପ୍ରଦାୟ ସାଧୁମାନଙ୍କ ସମ୍ପର୍କରେ ଗବେଷଣା କରିବା ପରିପ୍ରେକ୍ଷୀରେ ପ୍ରୟାଗରାଜ ମହାକୁମ୍ଭ ମେଳା ପରିଦର୍ଶନରେ ଆସି ତେର ଆଖଡ଼ାର ମୁଖ୍ୟ ଜୁନା ଆଖଡାର ନାଗା ସାଧୁମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ଅବସରରେ ଶ୍ରୀନୀଳମାଧବ ତତ୍ତ୍ୱ ସମ୍ପର୍କରେ ଜାଣିବାକୁ ପାଇଥିଲେ। ସମ୍ପୃକ୍ତ ନାଗା ସାଧୁମାନେ ୪୫ ଦିନ କଳ୍ପବାସ କରୁଥିବା ବେଳେ ମାଧବଙ୍କୁ ପୂଜା କରୁଥିବା ବିଦେଶାଗତ ପର୍ଯ୍ୟଟକ ଜାଣିବାକୁ ପାଇଥିଲେ। ପରେ ମାଧବ କ୍ଷେତ୍ର ସମ୍ପର୍କରେ ଅବଗତ ହୋଇ ମାଧବଙ୍କ ସ୍ୱରୂପକୁ ଦର୍ଶନ କରିବା ନିମନ୍ତେ ପର୍ଯ୍ୟଟକମାନେ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ଦର୍ଶନରେ ବୁଧବାର ଆସିଥିବା ଜଣାଯାଇଛି। ନୀଳମାଧବଙ୍କ ପୀଠରେ ନୀଳମାଧବ ପୂଜକ ସମାଜର ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ରଙ୍କ ସହ ସାକ୍ଷାତ ହେବା ପରେ ନୀଳମାଧବ ଜୀଉଙ୍କ ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ସବିଶେଷ ତଥ୍ୟ ମିଶ୍ରଙ୍କଠାରୁ ଅବଗତ ହୋଇଥିଲେ। ପର୍ଯ୍ୟଟକମାନେ ନୀଳମାଧବ ଜୀଉଙ୍କୁ ଦର୍ଶନ କରିବା ପରେ ମନ୍ଦିର ଉତ୍ତର ଦ୍ୱାର ପାର୍ଶ୍ୱ ମହାନଦୀ କୂଳରେ ଥିବା ନୀଳମାଧବଙ୍କ ଐତିହ୍ୟ ମିୟୁଜିୟମ ପରିଦର୍ଶନ କରି ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ସମ୍ପୃକ୍ତ ପର୍ଯ୍ୟଟକମାନେ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ ଉପରେ ବିରାଜିତ ଶ୍ରୀନୀଳମାଧବଙ୍କ ମନ୍ଦିର ଉପରୁ ଚତୁଃପାର୍ଶ୍ୱର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖି ଅଭିଭୂତ ହୋଇଯାଇଥିଲେ।

# ସେମିରେ ବରୁଣେଇ(ଏ) କ୍ରିକେଟ କ୍ଲବ

## ବରୁଣେଇ ଟି-୨୦ କ୍ରିକେଟ ଟୁର୍ଣାମେଣ୍ଟ

**ଖଣ୍ଡପଡ଼ା, ୫।୨ (ଅଜୟ କୁମାର ମହାରଣା)**

କଣ୍ଟିଲୋ ପଲଟନ ପଡିଆ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୧୮ ତମ ବରୁଣେଇ ଟି-୨୦ କ୍ରିକେଟ ଟୁର୍ଣାମେଣ୍ଟ ବୁଧବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବରୁଣେଇ (ଏ) କ୍ରିକେଟ କ୍ଲବ ଗୁଣ୍ଠୁଣି କ୍ରିକେଟ ଟିମକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଗୁଣ୍ଠୁଣି ଦଳ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ଜବାବରେ ବରୁଣେଇ(ଏ) ଦଳ ୧୧.୫ ଓଭରରେ ୫ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୯୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଶ୍ରୀଧର ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିକାଶ କୁମାର ସାହୁ ଓ ତ୍ରିନାଥ ବେହେରା ଖେଳକୁ ପରିଚାଳନା କରିଥିଲେ। ଶେଷଦେବ ନାୟକ ଓ ସନ୍ତୋଷ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ

**ଖଣ୍ଡପଡ଼ା, ୫।୨ (ଅଜୟ କୁମାର ମହାରଣା)**

ରାଜ୍ୟରେ ଭାଜପା ସରକାର ଗଠନ ହେବାପରେ ତୃଣମୂଳ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ବୁଧବାର ରାଜ୍ୟରେ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହିକ୍ରମରେ ଖଣ୍ଡପଡ଼ା ବ୍ଲକ ପରିସରରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏଥିରେ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ କନଫରେନ୍ସିଂ ଜରିଆରେ ଏହାର ଶୁଭାରମ୍ଭ କରିଥିଲେ। ପରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଡିଓ ଅଙ୍କୁର ଅଭିଳାଷ ସ୍ୱାଗତ ଅଭିଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବାବେଳେ ମୌଳିକ ଭିତ୍ତିଭୂମି ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ, କ୍ଷୁଦ୍ର ପର୍ଯ୍ୟଟନସ୍ଥଳର ବିକାଶ ଆଦି କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।


ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା, କର୍ମୀ ଓ ପ୍ରଶାସନିକ ଅଧିକାରୀ।

# ପଞ୍ଚୁପାଣ୍ଡବ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍ଯାପିତ


ମଞ୍ଚାସୀନ ଅତିଥିଗଣ।

**ନୂଆଗାଁ, ୫।୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କଲେଜ ସମ୍ମୁଖ ମହୋତ୍ସବ ପଡ଼ଆଠାରେ ବୁଧବାର ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଚତୁର୍ଥ ତଥା ଉଦ୍ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି। ଉଦ୍ଯାପନୀ ଦିବସରେ ଅପରାହ୍ନ ୪ଟାରୁ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମହୋତ୍ସବ କମିଟର ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବର ଅତିଥି ଭାବେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୟାଗଡ଼ ଜିଲା ପରିଷଦ ସଭ୍ୟ ପ୍ରତିମା ଦଳବେହେରା, ଜିଲାପରିଷଦ ସଭ୍ୟା ସତ୍ୟଭାମା ନାୟକ, ଦଶପଲ୍ଲା ବ୍ଲକ ଉପାଧକ୍ଷା ଅନୁପମା ବେହେରା ଓ ସାମାଜିକ କର୍ମୀ ଶଙ୍କର୍ଷଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ଐତିହ୍ୟ, ପରମ୍ପରା ଓ ଇତିହାସ ଉପରେ ଆଧାରିତ ନୂଆଗାଁ ବନ୍ଦନା ଯୁକ୍ତ ୩ ଡିଗ୍ରୀ କଲେଜ ପାଞ୍ଚାଳି ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ପରିବେଷଣ କରାଯାଇଥିଲା।

କଳାହାଣ୍ଡି କଙ୍ଗାପା ପାଇକ ଆଖଡ଼ା, ବଲାଙ୍ଗୀର ଆଦିବାସୀ ସାଂସ୍କୃତିକ ପରିଷଦ ଲୋକନୃତ୍ୟ ସାଙ୍ଗକୁ ମେଲୋଡି ଦର୍ଶକମାନଙ୍କ ମନକୁ ଆକୃଷ୍ଟ କରି ପାରିଥିଲା। ଶେଷରେ ଲଟେରୀ ଉଠାଣ କରାଯାଇଥିଲା। ଲଟେରୀ ଦେଇଛି ଭଲ ରୋଜଗାର ମହୋତ୍ସବ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ବ୍ୟବସ୍ଥା କରାଯାଇଥିଲା। ପ୍ରତି ଲଟେରୀର ମୂଲ୍ୟ ୧ ଶହ ଟଙ୍କା ହୋଇଥିବା ବେଳେ ଏହା ମାଧ୍ୟମରେ ଲକ୍ଷାଧିକ ଟଙ୍କା ଆୟ ହୋଇଥିଲା। କିନ୍ତୁ ପୁରସ୍କାର ଭାବେ ହିରୋ ଏଚ ଏଫ ଡିଲକ୍ସ ବାଇକ୍, ଫ୍ରିଜ୍ , ଏଲଇଡି ଓ ୨୦ ଗୋଟି ସାନ୍ତ୍ୱନା ମୂଳକ ପୁରସ୍କାର ବାବଦକୁ ମାତ୍ର ପ୍ରାୟ ଦେଢ଼ ଲକ୍ଷ ଟଙ୍କା ବ୍ୟୟ କରାଯାଉଛି। ଯାହାଙ୍କ ନାମରେ ମହୋତ୍ସବ, ସେମାନଙ୍କ ପୀଠକୁ ଅଣଦେଖା ମହୋତ୍ସବକୁ ଆକୃଷ୍ଟ, ସରସ ସୁନ୍ଦର କରିବା ପାଇଁ ମହୋତ୍ସବର ସାଂସ୍କୃତିକ ମଞ୍ଚକୁ ସଂଗ୍ରାମୀ ଶହୀଦ୍ କଷ୍ଟି ଡାକୁଆଙ୍କ ନାମରେ ନାମିତ କରାଯାଇଛି। କିନ୍ତୁ କଷ୍ଟି ଡାକୁଆଙ୍କୁ ପ୍ରଶାସନ, ନେତା ଅଣଦେଖା କରିଥିବା ଅଭିଯୋଗ ହେଉଛି। ଶହୀଦଙ୍କ ଗାଁକୁ ପକ୍କା ରାସ୍ତା ନାହିଁ, ପାନୀୟ ଜଳର ବ୍ୟବସ୍ଥା ନାହିଁ। ସେହିଭଳି ମହୋତ୍ସବର ନାମ ପଞ୍ଚୁପାଣ୍ଡବ ଦିଆଯାଇଥିବା ବେଳେ ପଞ୍ଚୁପାଣ୍ଡବ ପୀଠର ବିକାଶ କରାଯାଉନାହିଁ। ଏହାକୁ ପର୍ଯ୍ୟଟନସ୍ଥଳ କରିବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି।

ସେହିଭଳି ପଲ୍ଲିଶ୍ରୀ ମେଳାକୁ ଦାସିଆ ଅଜାଙ୍କ ନାମରେ ନାମିତ କରାଯାଇଥିବା ବେଳେ ଦାସିଆ ଅଜାଙ୍କ ସାଧନା ପୀଠ ତଥା ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଦାଶରଥି ସଂଗ୍ରହାଳୟର ତୋରଣ ଦୀର୍ଘ ବର୍ଷ ହେଲା ଅଧାପନ୍ତରିଆ ଭାବେ ପଡି ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନାହାନ୍ତି। ଏ ନେଇ ଯୁବ ଆଇନଜୀବୀ ଜିତେନ୍ଦ୍ର କୁମାର ସାହୁ ଓ ଶିବରାମ ମହାପାତ୍ର କ୍ଷୋଭ ପ୍ରକାଶ କରିଛନ୍ତି। ମହୋତ୍ସବ ପଡିଆରେ ୫୦ ଟି ଷ୍ଟଲ ହୋଇଥିବା ବେଳେ ଅନେକଗୁଡିଏ ଷ୍ଟଲ ଖାଲି ପଡିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଚୋରି ସାମଗ୍ରୀ, ଟଙ୍କା ଜବତ

ଯାଜପୁର ଟାଉନ,୫।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ପୌରପାଳିକାର କିଲାଘାଟ ମାର୍କେଟ କମ୍ପ୍ଲେକ୍ସରୁ ଚୋରି ହୋଇଥିବା ସାମଗ୍ରୀ ଓ ୫ ହଜାର ଟଙ୍କା ଜବତ କରାଯାଇଛି। ଏଥିସହିତ ଚୋରିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ବିନ୍ଧାଣ ଗ୍ରାମର ବିଜୟ କୁମାର ସାହୁ(୩୦)। ସେ ଦୋକାନରୁ ସାମଗ୍ରୀ ସହିତ ଟଙ୍କା ଚୋରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ବିଜୟ ନିଶାସେବନ କରି ଏହି ଘଟଣା ଘଟାଇଥିବା କହିଛନ୍ତି। ଅଭିଯୋଗ ଅନୁଯାୟୀ, ଜାନୁଆରୀ ୧ରେ ଆଙ୍କୁଲା ଗ୍ରାମର ପ୍ରସନ୍ନ ମିଶ୍ରଙ୍କ ଦୋକାନ ଭାଙ୍ଗି ଦୁର୍ବୃତ୍ତ ୨୩ ହଜାର ଟଙ୍କା ଓ ନିକଟରେ ଥିବା ସେକ ଜାହାଙ୍ଗିରଙ୍କ ଦୋକାନରୁ ୨୦ ହଜାର ଟଙ୍କା ଏବଂ ୮ କାର୍ଟୁନ୍ ଅଣ୍ଡା ଚୋରି କରିଥିଲେ। ଯାଜପୁର ଥାନା ଅଧିକାରୀ ସୁବାସ ଚନ୍ଦ୍ର ମୁଦୁଲିଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ନଂ.୩୧୨୫ରେ ଏକ ମାମଲା ରୁଜୁ ହୋଇଛି।

### ଜଳିଗଲା ୨ ବଖରା

ଛତିଆ,୫।୨(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତର କୁମ୍ଭେଇ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ମୂର୍ତ୍ତିକାନ୍ତ ପାତ୍ରଙ୍କ ଦୁଇ ବଖରା ଘର ଜଳି ପାଉଁଶ ହୋଇଯାଇଛି। ମଧ୍ୟାହ୍ନରେ କୌଣସି କାରଣରୁ ମୂର୍ତ୍ତିକାନ୍ତଙ୍କ ଘରେ ନିଆଁ ଲାଗି ଯାଇଥିଲା। ପରିବାର ଲୋକେ ପଡ଼ୋଶୀଙ୍କୁ ଡାକ ପକାଇବା ବେଳକୁ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଅନ୍ୟପକ୍ଷରେ ଘରପୋଡ଼ି ଖବର ଜାଣି ମୂର୍ତ୍ତିକାନ୍ତଙ୍କ ପୁଅ ତପନ ଅଚେତ ହୋଇଯାଇଥିଲେ। ଚେତା ନ ଫେରିବାରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗଇ ଦେବାକୁ ଦାବି ହୋଇଛି।

### ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ

ବିଞ୍ଝାରପୁର,୫।୨(ରାମକୃଷ୍ଣ ଦାସ): ଗ୍ରାମାଞ୍ଚଳର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶାର ଶୁଭାରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ମିନି ଷ୍ଟାଡିୟମଠାରେ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ବିଞ୍ଝାରପୁର ବ୍ଲକରେ ଭିଡିଓ କନଫରେନସ ମାଧ୍ୟମରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏନେଇ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ହେଲେ କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନ ସଫଳତାର ସହିତ ଆୟୋଜନ କରିପାରି ନ ଥିଲା। ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ବହୁ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ପାଣି ଯୋଗାଣରେ ଅବ୍ୟବସ୍ଥା କାରଣରୁ ମହିଳାମାନେ ସଭା ସ୍ଥଳ ଛାଡି ଚାଲିଯିବାର ଦୃଶ୍ୟ ଦେଖିବାକୁ ମିଳିଥିଲା।

# ୧୬୮ ପରିବାର ଫେରାଇବେ ରାଶନ କାର୍ଡ

**ରସୁଲପୁର,୫।୨(ରଞ୍ଜିତ ରାଉତ):**




ରସୁଲପୁର ବ୍ଲକ ଅନ୍ତର୍ଗତ ୨୮ ପଞ୍ଚାୟତରେ ୧୬୮ ପରିବାରର ସଦସ୍ୟ ସରକାରୀ ଚାକିରିଆ ହୋଇ ରାଶନକାର୍ଡ ହାତେଇଥିବା ଇ-କେୱାଇସି ରିପୋର୍ଟରୁ ଜଣାଯାଇଛି। ସେମାନଙ୍କୁ କାର୍ଡ ଫେରାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କାର୍ଡ ନ ଫେରାଇଲେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମ୍ଭାବନା ରହିଛି।

ନିୟମ ଅନୁଯାୟୀ ଯେଉଁମାନେ ସରକାରୀ ଚାକିରି କରିଥିବେ ଏବଂ ମାସିକ ୧୫ ହଜାର ଟଙ୍କାରୁ କମ୍ ଦରମା ପାଉଥିବେ ସେମାନେ ରାଶନକାର୍ଡ ପାଇବା ପାଇଁ ଯୋଗ୍ୟ ହୋଇପାରିବେ। ତେବେ ଏହି ୧୬୮ ପରିବାର ମଧ୍ୟରେ କେତେକ ପରିବାର ସରକାରୀ ଚାକିରିରେ ଲଞ୍ଚ ଡ୍ରାଇଭର, ଆୟୁର୍ବେଦିକ ହସ୍ପିଟାଲ ଜଗୁଆଳ ଅଛନ୍ତି। ସେମାନେ ମାସିକ ୧୦ରୁ୧୨ହଜାର ଟଙ୍କା ଦରମା ପାଉଛନ୍ତି। ସେମାନଙ୍କ ନାମ ସରକାରୀ ଚାକିରି କରିଥିବା ତାଲିକାରେ ସ୍ଥାନିତ ହୋଇଛି। ଏହାଛଡ଼ା କେତେଜଣ ପରିବାରର ମୁଖ୍ୟ ୪ଚକିଆ ଯାନ ହାତେଇଛନ୍ତି। ଏହିଯାନକୁ ଭଡା ସୂତ୍ରରେ ଲଗାଇ ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କ ମାସିକ ଆୟ ୧୦ରୁ୧୫ ହଜାର ମଧ୍ୟରେ ସୀମିତ ରହିଛି। ଉକ୍ତ ବ୍ୟକ୍ତିମାନଙ୍କ ପରିବାର ରାଶନକାର୍ଡରୁ ବଞ୍ଚିତ ହେବେ ବୋଲି ଜଣାପଡ଼ିଛି। ଏହାଛଡ଼ା କେତେକ ପରିବାରର ପୁଅ ଚାକିରି କରିଛନ୍ତି। ସେମାନେ ଚାକିରି କରି ବିବାହକରି ପରିବାରକୁ ନେଇ ମୂଳ ପରିବାରଠାରୁ ପୃଥକ ଭାବରେ ରହୁଛନ୍ତି। ସେହି ଆଳରେ ରାଶନକାର୍ଡ କଟିଗଲେ ପରିବାର ଅନ୍ୟ ସଦସ୍ୟମାନେ ଚାଉଳରୁ ବଞ୍ଚିତ ହୋଇ ଖାଦ୍ୟ ସମସ୍ୟାର ସମ୍ମୁଖୀନ ହେବେ ବୋଲି ଜଣାଯାଇଛି। ଚାକିରିଆ ଝିଅମାନେ ବିବାହ କରିସାରିଲେଣି। ସେମାନେ ଶାଶୁଘର ପରିବାରର ସଦସ୍ୟା ହୋଇସାରିଲେଣି। ଏହିଆଳରେ ଝିଅଙ୍କ ବାପଘର କାର୍ଡ କାଟି ଦିଆଗଲେ ଉକ୍ତ ପରିବାର ପାଇଁ ସମସ୍ୟା ଉପୁଜିବ।

୨୦୧୧ ଜନଗଣନାରେ ପରିବାର ସଦସ୍ୟ ଥାଇ ରାଶନକାର୍ଡ ସର୍ଭେ କରାଯାଇଥିଲା। ସେହି ଆଧାରରେ ଚାକିରିଆଙ୍କ ତାଲିକାରେ ସେମାନଙ୍କ ପରିବାରର ଲୋକଙ୍କ ନାମ ଯୋଡି ହୋଇଛି। ଏହିବର୍ଗର ପରିବାରଗୁଡ଼ିକ ୨୦୧୫ରୁ ରାଶନକାର୍ଡ ହାତେଇ ରିଟେଲରଙ୍କ ନିକଟରୁ ଚାଉଳ ଓ ଗହମ ଆଦି ସାମଗ୍ରୀ ଉଠାଣ କରୁଛନ୍ତି। ଏବେ ରାଶନକାର୍ଡରୁ ଭୂତ ହିତାଧିକାରୀ, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏଥିରେ ସରକାରୀ ଚାକିରିଆ ପରିବାରଗୁଡ଼ିକୁ ଚିହ୍ନଟ କରାଯାଇଛି। ଉକ୍ତ ପରିବାରଗୁଡିକୁ ରାଶନକାର୍ଡ ଫେରାଇ ଦେବା ପାଇଁ କୁହାଯାଉଛି। ସରକାରୀ ଚାକିରିଆମାନେ ରାଶନକାର୍ଡ ଫେରାଇବା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏନେଇ ବ୍ଲକ ଯୋଗାଣ ଅଧିକାରୀ ମଧୁସ୍ମିତା ଜେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ତାଲିକାରେ ସରକାରୀ ଚାକିରିଆ ଦର୍ଶାଉଥିବା ପରିବାରଗୁଡ଼ିକ ରାଶନକାର୍ଡ ଫେରାଇବେ। ଯେଉଁମାନେ ୧୫ହଜାର ଟଙ୍କାରୁ କମ୍ ଦରମା ପାଉଛନ୍ତି ସେମାନେ ଲିଖିତ ଭାବରେ ଜଣାଇବେ। ଉକ୍ତ ପରିବାର ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ନିଷ୍ପତ୍ତି ନିଆଯିବ। ଏହାଛଡ଼ା ଯେଉଁ ଚାକିରିଆ ପରିବାରରେ ଝିଅ ଓ ପୁଅମାନେ ପୃଥକ ରହୁଛନ୍ତି, ସେମାନେ କାର୍ଡ ଫେରାଇବା ପରେ ପୁଣି ଚାକିରିଆଙ୍କୁ ବାଦ୍ ଦେଇ କାର୍ଡ ପାଇଁ ଆବେଦନ କରିପାରିବେ। ସେମାନଙ୍କ ଆବେଦନପତ୍ରକୁ ତଦନ୍ତ କରାଯିବ। ଉକ୍ତ ଆବେଦନକାରୀ ଯୋଗ୍ୟ ହୋଇଥିଲେ ସେମାନଙ୍କୁ ପୁଣି ରାଶନକାର୍ଡ ପ୍ରକ୍ରିୟାରେ ସାମିଲ କରାଯିବ ବୋଲି ଜେଠୀ ପ୍ରକାଶ କରିଛନ୍ତି।

# ସତ୍ୟସାଇ ବାଳବିକାଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ସତ୍ୟସାଇ ବାଳବିକାଶ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବରେ ଜଣେ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଯାଜପୁରରୋଡ୍,୫।୨ (ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ଚୋରଦାସ୍ଥିତ ସତ୍ୟସାଇ ବାଳବିକାଶ ଶିକ୍ଷାକେନ୍ଦ୍ରର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ତଥା ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ଶିକ୍ଷା ପିଲାଙ୍କୁ ନୂଆ ଦିଗଦର୍ଶନ ଦେବାସହ ଚରିତ୍ର ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ପରେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ସତ୍ୟସାଇ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ଥିଲେ।

# ଯାଜପୁର ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ନିର୍ବାଚନ



ନିର୍ବାଚନରେ ବିଜୟୀ ହୋଇଥିବା ଭାଜପା ସମର୍ଥିତ ନିର୍ଦ୍ଦେଶକ ସୁଦୀପ୍ତ ପଣ୍ଡା ଓ ଅନ୍ୟମାନେ ।

**ଯାଜପୁର ଟାଉନ,୫।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ନିର୍ବାଚନ ହରିସାମନ୍ତ ହାଇସ୍କୁଲ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଜଣ ନିର୍ଦ୍ଦେଶକ ନିର୍ବାଚିତ ହୋଇଛନ୍ତି। ତନ୍ମଧ୍ୟରୁ ଭାଜପା ସମର୍ଥିତ ନିର୍ଦ୍ଦେଶକ ଭାବେ ସୁଦୀପ୍ତ କୁମାର ପଣ୍ଡା ସର୍ବାଧିକ ୮୪୭ ଖଣ୍ଡ ଭୋଟ୍‌ରେ ବିଜୟ ହୋଇଛନ୍ତି। ଅନ୍ୟ ୭ ଜଣ ନିର୍ଦ୍ଦେଶକ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶକ୍ତିରଞ୍ଜନ ମହାନ୍ତି ୬୫୮ ଖଣ୍ଡ ଭୋଟ୍ ପାଇଥିବାବେଳେ ଅମରେନ୍ଦ୍ର ମିଶ୍ର ୬୫୬, ଚିତ୍ତରଞ୍ଜନ ସାହୁ ୬୩୬, ପଙ୍କଜ କୁମାର ସାହୁ ୫୭୧, ପ୍ରଦୀପ୍ତ ସେନାପତି ୫୭୧, ଦିବାକର ମଲ୍ଲିକ ୫୬୨, ବୃନ୍ଦାବନ ସାହୁ ୫୫୯ ଓ ସେକ୍ ସଲାଉଦ୍ଦିନ୍ ୫୪୦ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି।

# କୋରେଇରେ ବିକଶିତ ଗାଁ ବିକଶିତ ଓଡ଼ିଶା ଶୁଭାରମ୍ଭ



କୋରେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସନାୟକ ଓ ଅନ୍ୟମାନେ।

**କୋରେଇ,୫।୨(ଚନ୍ଦ୍ରକାନ୍ତ ପତି):**

ଓଡ଼ିଶାରେ ଭାଜପା ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ମୌଳିକ ଭିତ୍ତିଭୂମି ବିକାଶର ସୁଦୃଢୀକରଣ ନିମନ୍ତେ ନୂତନ ରୋଡ୍‌ମ୍ୟାପ ପ୍ରସ୍ତୁତ କରାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ନାମରେ ବୁଧବାର ଖୋର୍ଦ୍ଧା ଜିଲାର ଜଙ୍କିଆ ମିନି ଷ୍ଟାଡିୟମଠାରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ପରିପ୍ରେକ୍ଷୀରେ କୋରେଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମଧ୍ୟ ଏହି ଯୋଜନା ଉଦ୍‌ଘାଟିତ ହୋଇଛି। ବିଡିଓ ଅବନୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଧାୟକ ଆକାଶ ଦାସ ନାୟକ ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ଯୋଜନାରେ ଗ୍ରାମୀଣ ଭିତ୍ତିଭୂମି ଏବଂ ଅର୍ଥନୀତି ସୁଦୃଢ ହେବା ସହ ଗ୍ରାମୀଣ ଜୀବନ ସୁଗମ ହୋଇପାରିବ। ଯୋଜନାରେ ୫ ବର୍ଷ ପାଇଁ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ପ୍ରତିବର୍ଷ ୧ କୋଟି ଟଙ୍କା ଗ୍ରାମର ଉନ୍ନତିକରଣ ପାଇଁ ଖର୍ଚ୍ଚ ହେବ। ଯୋଜନାରେ ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କ୍ଷୁଦ୍ର ପର୍ଯ୍ୟଟନସ୍ଥଳୀ ଉନ୍ନତୀକରଣ, ଶିକ୍ଷା, କ୍ରୀଡ଼ା ଭିତ୍ତିଭୂମିର ସମ୍ପ୍ରସାରଣ, ଆଧୁନିକୀକରଣ, ନୂତନ ଅଭିନବ ଜନମଙ୍ଗଳକାରୀ ବହୁମୁଖୀ ପ୍ରକଳ୍ପ ନିର୍ମାଣ, କାର୍ଯ୍ୟାନ୍ୱୟନ ଯୋଜନା, ଅନୁନ୍ନତ ଜନଜାତି ସମୁଦାୟ ବସବାସ କରୁଥିବା ଆଭ୍ୟନ୍ତରୀଣ ଓ ଆନ୍ତ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ଆଦି ବିକାଶମୂଳକ କାର୍ଯ୍ୟକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯିବ।

କାର୍ଯ୍ୟକ୍ରମରେ ଭାଜପା ନାରୀନେତ୍ରୀ ଦୀପ୍ତିମୟୀ କୁଅଁର, ଜୟନ୍ତୀ ଦଳାଇ, ବନ୍ଦାଳ ସରପଞ୍ଚ ବିଷ୍ଣୁ ରଥ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ କୁମାର ସାହୁ, ୧ ନଂ. ଜୋନ ମଣ୍ଡଳ ସଭାପତି ରାକେଶ ଜେନା, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ଯୁବନେତା ଚନ୍ଦନ ଖିଲାର, ପ୍ରତାପ ବେହେରା, ରଞ୍ଜନ ଖିଲାର, ରବୀନ୍ଦ୍ର ସେଠୀ, ସୁବ୍ରତ ସେଠୀ, ବ୍ରଜକିଶୋର ପଟ୍ଟନାୟକଙ୍କ ସମେତ ଭାଜପାର ଶତାଧିକ କାର୍ଯ୍ୟକର୍ତ୍ତା ଏବଂ କୋରେଇ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଯାଜପୁର ଜିଲା ମହୋତ୍ସବରେ ଓକିଲଙ୍କୁ ସାମିଲ ଦାବି

**ଯାଜପୁର ଟାଉନ,୫।୨ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା ମହୋତ୍ସବ 'ଯଯାତି' ଆସନ୍ତା ୮ରୁ ୧୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଯଯାତି ଓ ପଲ୍ଲିଶ୍ରୀ ମେଳାକୁ ସରସ ସୁନ୍ଦର କରିବା ଲାଗି ଜିଲା ପ୍ରଶାସନ ଦିନ ରାତି ଏକ କରିଦେଇଛି। ଏଥି ନିମନ୍ତେ ବିଭିନ୍ନ କମିଟି ଗଠନ କରାଯାଇ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତି ଜୋରଦାର କରାଯାଇଛି। ତେବେ ବିଡ଼ମ୍ବନାର ବିଷୟ ଚଳିତ ବର୍ଷ ମହୋତ୍ସବ ପାଇଁ ଗଠନ କରାଯାଇଥିବା ବିଭିନ୍ନ କମିଟିରେ ଜିଲାରୁ କୌଣସି ଓକିଲଙ୍କୁ ସାମିଲ କରାଯାଇ ନ ଥିବା ଦେଖିବାକୁ ମିଳିଛି।

ଜିଲାରେ ଅଧୁନା ପ୍ରାୟ ୨ହଜାର ଆଇନଜୀବୀ ଥିବାବେଳେ ବିଭିନ୍ନ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ସେମାନେ ଜିଲା ବିକାଶରେ ଏକ ପ୍ରମୁଖ ଭୂମିକା ନିଭାଇଛନ୍ତି। କିନ୍ତୁ ଚଳିତ ଥର ମହୋତ୍ସବରେ ଆଇନଜୀବୀଙ୍କୁ କାହିଁକି ଅଲୋଡା କରାଯାଇଛି ସେ ନେଇ ଆଇନଜୀବୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହିମର୍ମରେ ବୁଧବାର ଯାଜପୁରର ଯୁବଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଉପାଧ୍ୟକ୍ଷ ରାଜୀବ ମହାନ୍ତି କ୍ଷୋଭ ପ୍ରକାଶ କରିବା ସହ ଜିଲାପାଳଙ୍କୁ ଏନେଇ ଏକ ପତ୍ର ଲେଖିଛନ୍ତି। ଉକ୍ତପତ୍ରରେ ଆଇନଜୀବୀଙ୍କୁ ମହୋତ୍ସବରେ ସାମିଲ କରିବା ସହ ଅଗ୍ରାଧିକାର ଦେବାପାଇଁ ସେ ଅନୁରୋଧ କରିଛନ୍ତି।

# ବରୀ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ



ବରୀ ବ୍ଲକର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

**ବରୀ,୫।୨(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ବିଡିଓ ଅସିତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗଦେଇ ଦଳୀୟ ଚିନ୍ତାଧାରାରୁ ଊର୍ଦ୍ଧ୍ୱରେ ରହି ଲୋକ ପ୍ରତିନିଧି ସାଧାରଣଲୋକଙ୍କ ସମସ୍ୟା ସମାଧାନ କରିବା ଉଚିତ। ଏହାହେଲେ ସେମାନେ ଲୋକ ପ୍ରତିନିଧିଙ୍କ ଉପରେ ଆସ୍ଥା ପ୍ରକଟ କରିପାରିବେ ବୋଲି କହିଥିଲେ। ଏଥିସହିତ ସ୍ୱପ୍ନର ବରୀ ଗଠନ କ୍ଷେତ୍ରରେ ବ୍ଲକ ପ୍ରଶାସନକୁ ସହଯୋଗର ହାତ ବଢ଼ାଇବେ ବୋଲି ବିଧାୟକ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲ୍ଲିକ, ଯାଜପୁର ଏମ୍‌ପିଙ୍କ ପ୍ରତିନିଧି ଅଭୟ ପଲେଇ ଯୋଗଦେଇ ଥିଲେ। ଏବିଡିଓ ମହେଶ୍ୱର ସେଠୀ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ମହିଳା ଶିଶୁ ବିକାଶ ଅଧିକାରୀ ସଂଗୀତା ଏକ୍କା, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତ ଜେନା, ଜିଲା ପରିଷଦ ସଭ୍ୟାସଭ୍ୟ, ବରୀ ବ୍ଲକର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ମିଶନ ଶକ୍ତି ମହିଳା ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକ କନିଷ୍ଠ ଯନ୍ତ୍ରୀ ରାକେଶ ମଲ୍ଲିକ, ବିଭୁତି ଭୂଷଣ ପଣ୍ଡା, ଦୁର୍ଗା ସାହୁ, ସରୋଜ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଯାଜପୁର ଜିଲା ଯୁବମହୋତ୍ସବ ଲୋଗୋ ଉନ୍ମୋଚିତ

**ଯାଜପୁରରୋଡ୍,୫।୨(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର ସ୍ଥିତ ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେଶନ ଆନୁକୂଲ୍ୟରେ ଯାଜପୁର ଜିଲା ଯୁବମହୋତ୍ସବ ମାର୍ଚ୍ଚ ୭ରୁ ୧୩ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ବୁଧବାର ହୋଟେଲ ରୟାଲ କଳିଙ୍ଗଠାରେ ଅଭ୍ୟର୍ଥନା କମିଟିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମହୋତ୍ସବର ଲୋଗ ଉନ୍ମୋଚନ କରାଯିବା ସହ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଛି। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା କୋରେଇ ବିଧାୟକ ଆକାଶ ଦାଶ ନାୟକ ମୁଖ୍ୟଅତିଥି ଓ ମହୋତ୍ସବ ଉପାଧ୍ୟକ୍ଷା ତଥା ବ୍ୟାସନଗର ପୌର ଅଧ୍ୟକ୍ଷା ସଂଗୀତା ପିଙ୍ଗୁଆ ଯୋଗଦେଇ ଲୋଗୋ ଉନ୍ମୋଚନ କରିଥିଲେ। ଫାଉଣ୍ଡେଶନର କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସଭ୍ୟ ଅକ୍ଷୟ କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ଫାଉଣ୍ଡେସନ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତି, ସଂଗଠନ ସମ୍ପାଦକ ନିରଞ୍ଜନ ଘଡେଇ, ମହୋତ୍ସବ ଆବାହକ ଅଯୋଧ୍ୟା ଜେନା ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସଭ୍ୟ ଅକ୍ଷୟ କୁମାର ଦେଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବିଭୂତିଭୂଷଣ ପାଲ ସ୍ୱାଗତ ଭାଷଣ ଓ ସମ୍ପାଦକ ଅଶ୍ୱିନୀ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୧୦ ବ୍ଲକ, ୨ ମ୍ୟୁନିସିପାଲିଟିର ପ୍ରତିନିଧି ଯଥା ; ରସୁଲପୁର ବ୍ଲକର ମୋହନ ଚରଣ ମଲ୍ଲିକ, ଧର୍ମଶାଳା ବ୍ଲକର ପ୍ରସନ୍ନ କର, ବଡ଼ଚଣାର ତରଣୀସେନ ରାଉତ, ବରୀର ସମୀର ଚରଣ ନାୟକ, ଗୁନ ଚରଣ ନାୟକ, ସୁକିନ୍ଦାର ମନୋରଞ୍ଜନ ଦାଶ, ଦାନଗଦି ବ୍ଲକର ଭାଗିରଥି ବିଶ୍ୱାଳ, କୋରେଇର ଭୁବନ ମୋହନ ମହାନ୍ତି, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦଶରଥପୁରର ମହେଶ୍ୱର ପରିଡା, ଯାଜପୁରର ଅନିରୁଦ୍ଧ ପରିଡା, ବିଞ୍ଝାରରପୁରର ଅର୍ଜୁନ ଚରଣ ପଣ୍ଡା, ଯାଜପୁର ପୌରାଞ୍ଚଳରୁ ପ୍ରଦୀପ ପଣ୍ଡା, ବ୍ୟାସନଗର ପୌରାଞ୍ଚଳରୁ ଅକ୍ଷୟ ଦେଓ, ବିକାଶ ଦାଶ ଯୋଗଦେଇ ନିଜ ମତ ରଖିଥିଲେ। ଶିଶିର ରାଉତ, ନରେନ୍ଦ୍ର ଜେନା, ପ୍ରଫୁଲ୍ଲ ନାୟକ, ଜ୍ଞାନରଞ୍ଜନ ରାଉତ, ପ୍ରଶାନ୍ତ ବୋଇତାଇ, ନିକୁଞ୍ଜ ବିହାରୀ ପାଲ, ଶ୍ୟାମଳେନ୍ଦୁ ପାତ୍ର, ସରୋଜ ଦେଓ, ମନୋଜିତ ଦାଶ, ଗଣେଶ ପାତ୍ର, ସୁନୀଲ ମୁଣ୍ଡା ଓ ପ୍ରଶାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ମିଡିଆସେଲ ସମ୍ପାଦକ ହେମନ୍ତ କୁମାର ଧୀର ଧନ୍ୟବାଦ ଦେଇଥିଲେ।



ଅତିଥି ଲୋଗୋ ଉନ୍ମୋଚନ କରୁଛନ୍ତି।

# ୩.୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ବଣ୍ଟନ

**ଯାଜପୁର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ**

**ଯାଜପୁରରୋଡ୍,୫।୨(ପବିତ୍ର ରଞ୍ଜନ ମହାନ୍ତି):**



ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହରେ ସହାୟତା ରାଶି ଚେକ୍ ପ୍ରଦାନ କରାଯାଉଛି।

ବ୍ୟାସନଗର ସନ୍ତରାସ୍ଥିତ ସଂସ୍କୃତି ଭବନଠାରେ ଯାଜପୁର ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମନ୍ତ୍ରୀ ୬୮୧ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ୩ କୋଟି ୪୦ ଲକ୍ଷ ୩ ହଜାର ୮୦୦ ଟଙ୍କାର ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ଭାଗନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଶ୍ରମିକ ଓ ଅନ୍ୟମାନଙ୍କୁ ବୁଝାଇଥିଲେ। ନିର୍ମାଣ ଶ୍ରମିକ ଏବଂ ଅଣ-ସଂଗଠିତ ଶ୍ରମିକ ନିଜନିଜର ଦାୟିତ୍ୱବୋଧକୁ ଭଲ ଭାବେ ତୁଲାଇବା ପାଇଁ ପରାମର୍ଶ ଦେଇଥିଲେ। କୋରେଇ ବିଧାୟକ ଆକାଶଦାସ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଉପରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯାଜପୁରର ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଯୋଗଦେଇ ସରକାରଙ୍କ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଜରିଆରେ ଦିଆଯାଉଥିବା ବିଭିନ୍ନ ସହାୟତା ଯୋଜନା ଉପରେ ଟିପ୍ପଣୀ ରଖିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ (ଡିଏଲସି) ସତ୍ୟନାରାୟଣ ଆଚାର୍ଯ୍ୟ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ଶ୍ରମ ଆୟୁକ୍ତ (ଜେଏଲସି) ଶିବ ଶଙ୍କର ମିଶ୍ର ନିର୍ମାଣ ଶ୍ରମିକ ଓ ଅଣ-ସଂଗଠିତ ଶ୍ରମିକଙ୍କୁ ସଚେତନ କରିବା ସହ ୨୦୦୯ରୁ ଏହି ଯୋଜନା ଆରମ୍ଭ ହୋଇଥିବାବେଳେ ଜିଲାରେ ବିଭିନ୍ନ ଯୋଜନାରେ ଏପର୍ଯ୍ୟନ୍ତ ୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି କହିଥିଲେ। ସହକାରୀ ଶ୍ରମ ଅଧିକାରୀ ସୁନନ୍ଦା ବିଶ୍ୱାଳ, ରଚନା ସେଠୀ, ସୌମ୍ୟ ସୁନ୍ଦର ରାଉତରାୟ, ସୌମ୍ୟ ରଞ୍ଜନ ବେହେରା, ସ୍ମୃତିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଗାଁରେ ସମସ୍ତ ମୌଳିକ ସେବା ପହଞ୍ଚିବ

ରାଜକନିକା/ ପଟ୍ଟାମୁଣ୍ଡାଇ/ ମହାକାଳପଡ଼ା/ ମାର୍ଶାଘାଇ/ ରାଜନଗର/ ଡେରାବିଶ/ ଆଳି, ୫।୨ (ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ/ କଳ୍ପତରୁ ନାୟକ/ ପ୍ରତାପ ଚନ୍ଦ୍ର ସ୍ୱାଇଁ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ଭାସ୍କର ରାଉତରାୟ/ ବେବର୍ତ୍ତା ଅଜୟ ଦାସ/ ବନମାଳୀ ସେନାପତି)




ରାଜକନିକା ବ୍ଲକରେ ଅନୁଷ୍ଠିତ ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ନେତା, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ। ଡେରାବିଶ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ୍ ପରିସରରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାକୁ ଆଭାସୀ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ଗ୍ରାମୀଣ ଭିତ୍ତିଭୂମି ଏବଂ ଅର୍ଥନୀତି ସୁଦୃଢ ହେବା ସହ ଗ୍ରାମୀଣ ଜୀବନ ସୁଗମ ହୋଇପାରିବ ଏହି ଯୋଜନାର ଲକ୍ଷ୍ୟ ରହିଛି। ଏହି ଯୋଜନାରେ ୫ ବର୍ଷ ପାଇଁ ୫ ହଜାର କୋଟି ଖର୍ଚ୍ଚ କରାଯିବ। ପ୍ରତିବର୍ଷ ଗାଁର ଉନ୍ନତୀକରଣ ପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲେ। ରାଜକନିକା ବ୍ଲକ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ଭାବେ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାତ ନାୟକ, ବିଡିଓ କୈଳାସ ଚନ୍ଦ୍ର ମଲ୍ଲିକ, କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ସାଂସଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ସିଆର୍‌ପି, ଏମ୍‌ବିକେ, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ବ୍ଲକ୍ ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ, ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସଙ୍କ ବ୍ୟତୀତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

ସେହିପରି ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମାଝୀ ଉଦ୍‌ଘାଟନ ଆଭାସୀ ମାଧ୍ୟମରେ ଏଠାରେ ପ୍ରଦର୍ଶିତ ହୋଇଥିଲା। ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମନୋଜ୍ଞ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ସାଂସଦ ପ୍ରତିନିଧି ସୁନାକର ବେହେରା, ବିଡିଓ ଶୁଭ୍ରାଂଶୁ ସାହୁ, ଅତିରିକ୍ତ ବିଡିଓ ସନ୍ତୋଷ ମନ୍ତ୍ରୀ, ଜିଲା କର୍ମନିଯୁକ୍ତି ଅଧିକାରୀ ଘନଶ୍ୟାମ ସା, ବ୍ଲକ୍ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମହାଲିକ, ବ୍ଲକ୍ ସହକାରୀ ଯନ୍ତ୍ରୀ ବିନାୟକ ମିଶ୍ର, ସିଡିପିଓ ଲକ୍ଷ୍ମୀମଣି ସିଂ, ଯୋଗାଣ ନିରୀକ୍ଷକ ପୁଷ୍ପଲତା

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ

ଗାହାଣ, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇଥିଲେ। ମହାକାଳପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ମୌଳିକ ସେବା ପହଞ୍ଚିବ। ବ୍ଲକ୍ କାର୍ଯ୍ୟାଳୟରେ ଏହି ଆଭାସୀ କାର୍ଯ୍ୟକ୍ରମରେ ଉପ ଜିଲାପାଳ ଅରୁଣ କୁମାର ମହାନ୍ତି, ବିଡିଓ ଶିବ ମଲିକ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ପରିଡ଼ାଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ। ମାର୍ଶାଘାଇ ବ୍ଲକ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଗାୟିକା ସ୍ୱର୍ଣ୍ଣପ୍ରଭା ଲେଙ୍କାଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ବିଡିଓ ପଞ୍ଚାନନ ମଲ୍ଲିକ, ତହସିଲଦାର ଶ୍ରୀକାନ୍ତ ପରିଜା, ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ନିଗମ ରଥ, ସମିତି ସଭ୍ୟ ପ୍ରସନ୍ନ ସାହୁ, ମଣ୍ଡଳ ସଭାପତି ରଶ୍ମିରଞ୍ଜନ ସାମଲ, ହିମାଂଶୁ ନାୟକ, ପ୍ରତିମା ନାୟକ ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ସେହିପରି ରାଜନଗରସ୍ଥିତ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଧ୍ରୁବ ସାହୁ, ଜିଲା କୃଷି ଅଧିକାରୀ ପ୍ରଦୋଷ କୁମାର ସାମଲ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ନିର୍ବାଚନମଣ୍ଡଳୀର ଭାଜପା ନେତା ଲଳିତ କୁମାର ବେହେରା, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ତହସିଲଦାର ଅଜୟ କୁମାର ମହାନ୍ତି, ମେଡ଼ିକାଲ ଅଫିସର ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ସେହିପରି ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ବିଡିଓ ନମିତା ବାରିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ସାଂସଦଙ୍କ ପ୍ରତିନିଧି ଭାବେ ରାଜ୍ୟ ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ, ଧନେଶ୍ୱର ସେଠୀ, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି ଓ ଭାରପ୍ରାପ୍ତ ଏବିଡିଓ ଅନିରୁଦ୍ଧ ବେହେରା, ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ରଶ୍ମି ଦେବୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଓ ସମିତିସଭ୍ୟମାନେ ଯୋଗ ଦେଇଥିଲେ। ଆଳି ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଜିଲାପାଳ ଅଶୋକ କୁମାର ଦାସ, ବିଡିଓ ମିନତି ଜଗଦ୍ଦେବ, ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ସିଡିପିଓ ମାମିନାବାଳା ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଉପାଧ୍ୟକ୍ଷ ମିନତି ବାରିକ, ଜିଲା ପରିଷଦ ସଭ୍ୟ କନକଲତା ବେହେରା, ଭୀଷ୍ମ ମହାନ୍ତି, ଜୟରାମ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ମିଶନ ଶକ୍ତିର ମହିଳାମାନେ ସାମିଲ ହୋଇଥିଲେ।

# ପଞ୍ଚୁବରାହୀ ବିଦ୍ୟାନିକେତନର ବାର୍ଷିକ ଉତ୍ସବ

ରାଜନଗର ,୫।୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ମହୁଲିଆ ପଞ୍ଚାୟତ ମାଣପଡ଼ାସ୍ଥିତ ପଞ୍ଚୁବରାହୀ ବିଦ୍ୟାନିକେତନର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ମୁଖ୍ୟବକ୍ତା ଭାବେ ଭାସ୍କର ରାଉତରାୟ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ବରାଳ, ସିଆର୍‌ସିସି ମହେଶ୍ୱର ସାହୁ, ପ୍ରଦୀପ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିକ୍ଷା, ସଂସ୍କାର ଓ ଆଧ୍ୟାତ୍ମିକତା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ଜେନା ବିଦ୍ୟାଳୟ ଜୀବନର ଅନୁଭୂତି, ବର୍ତ୍ତମାନର ଶିକ୍ଷା, ବିଦ୍ୟାଳୟର ଭିତ୍ତିଭୂମି ଓ ଅନୁଷ୍ଠାନର ଗୌରବ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସୁନାକର ମଲ୍ଲିକ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ଜ୍ଞାନରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ସେମିରେ ଖରାଖାଇ କ୍ଲବ ଆଳି




ଅତିଥିମାନେ ରାଜେନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ଟ୍ରଫି ପ୍ରଦାନ କରୁଛନ୍ତି।

## ରାଜକନିକା କପ୍ କ୍ରିକେଟ

ରାଜକନିକା,୫।୨(ସଞ୍ଜୟ କୁମାର ଦାଶ)

ରାଜକନିକା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମରେ ଚାଲିଥିବା ରାଜକନିକା କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିନ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖରାଖାଇ କ୍ଲବ ଆଳି ବନାମ ଚାନ୍ଦବାଲି କ୍ରିକେଟ ଏକାଡେମୀକୁ ୭ ଉଇକେଟରେ ହରାଇ ୨ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଚାନ୍ଦବାଲି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରୁ ୨୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୨ରନ କରିଥିଲା। ଜବାବରେ ଆଳି ୯.୧ ଓଭରରେ ୩ ଉଇକେଟ ହରାଇ ୯୩ ରନ କରି ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟ ଅତିଥି ଭାବେ ରାଜକନିକା ଥାନା ଅଧିକାରୀ ସଞ୍ଜୟ କୁମାର ମଲ୍ଲିକ ଓ ସ୍ୱତନ୍ତ୍ର ଅତିଥି ଭାବେ ସହକାରୀ ଯନ୍ତ୍ରୀ ଅୟସକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳର ରାଜେନ୍ଦ୍ର ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନର ସଭାପତି ଦୋଳଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପସଭାପତି କପିଳେନ୍ଦ୍ର ମଲ୍ଲିକ, କ୍ରିକେଟ ସମ୍ପାଦକ ବିକ୍ରମ କେଶରୀ ପରିଡା, ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ମିଡ଼ିଆ ସମ୍ପାଦକ ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ପ୍ରଶାନ୍ତ ସାହୁ, ସୋମନାଥ ସାମଲ ଖେଳ ପରିଚାଳନା କରିଥିବା ବେଳେ, ସୌମ୍ୟକାନ୍ତ ନାୟକ, ବିଶ୍ୱ ରଞ୍ଜନ ପଢିଆରୀ ଧାରାବିବରଣୀ କରିଥିଲେ। କ୍ଲବର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଲ ମଣିଷ ହେବା ପାଇଁ ଉତ୍ତମ ଚରିତ୍ର ଲୋଡ଼ା

## ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ରାଜନଗର ,୫।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଓ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭଲ ମଣିଷ ହେବା ପାଇଁ ଉତ୍ତମ ଚରିତ୍ର ଲୋଡା ବୋଲି ଅତିଥିମାନେ କହିଥିଲେ। ଏଥିରେ ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ମହାରଣା, ପୂର୍ବତନ ବିଇଓ ଅନିଲ କୁମାର ବଳ, ଶିକ୍ଷାବିତ ଗୌରାଙ୍ଗ ଚରଣ ସାହୁ, ଶିକ୍ଷକ ନେତା ହେମନ୍ତ ବାରିକ, ପ୍ରଧାନ ଶିକ୍ଷକ ସନାତନ ଜେନା, ସିଆର୍‌ସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ପରିଚାଳନା କମିଟି ସଭାପତି ଧୀରେନ ବିଶ୍ୱାଳ, ପଞ୍ଚସଖା ଶିକ୍ଷା ସେତୁ ସଙ୍ଗଠନ ସଭାପତି ତନୁଜ କୁମାର ସାହୁ ଓ ମମତା ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଅଭିଲିପ୍ସା ଦାଶ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ନିରାକାର ସେଠୀ ସ୍ୱାଗତ ଅଭିଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସବିତା ମିଶ୍ର, ମନସ୍ୱିନୀ ରଥ, ତାରିଣୀ ପ୍ରିୟଦର୍ଶିନୀ,ସତ୍ୟନାରାୟଣ ମହାନ୍ତି ପ୍ରମୁଖ ଛାତ୍ରୀଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଉର୍ମିଳା ପରିଡ଼ା ବେଦମନ୍ତ୍ର ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ୍ ଦେଇଥିଲେ। ଉତ୍ସବରେ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ହୋଇଥିଲେ। ଚଳିତବର୍ଷର ବିଦ୍ୟାଳୟ ଚାମ୍ପିୟନ ଭାବେ ଶୁଭମ୍ ବାରିକ ପୁରସ୍କୃତ ହୋଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା



ଉତ୍ସବରେ ମଞ୍ଚାସୀନ ଅତିଥି।

# ଗ୍ରାମ ବିକାଶ ବିନା ବିକଶିତ ରାଜ୍ୟ ପରିକଳ୍ପନା ଅସମ୍ଭବ



କେନ୍ଦ୍ରାପଡ଼ାରେ ଜିଲାସ୍ତରୀୟ ବିକଶିତ ଗାଁ ବିକଶିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା, ୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଜିଲାସ୍ତରୀୟ ଆଭାସୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲା ଜଙ୍କିଆ ମିନି ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହାର ସିଧା ପ୍ରସାରଣ ଜିଲା ସହ ବ୍ଲକ୍‌ସ୍ତରରେ ହୋଇଥିଲା। ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ, ଭାରତର ଆତ୍ମା ଗାଁରେ ରହିଥିବା ମହାତ୍ମା ଗାନ୍ଧୀ କହିଥିଲେ। ଗାନ୍ଧିଜୀଙ୍କ ଏହି ଉକ୍ତିକୁ ସାକାର ପାଇଁ ଗାଁର ବିକାଶ ବ୍ୟତିତ ବିକଶିତ ରାଜ୍ୟ ପରିକଳ୍ପନା ଅସମ୍ଭବ। ଏଥିସହ ସେ ଦର୍ଶାଇଥିଲେ, ଗ୍ରାମଗୁଡ଼ିକରେ ସହରର ସୁଖ ସ୍ୱାଚ୍ଛନ୍ଦ୍ୟ ଉପଲବ୍ଧ କରାଇବା, ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ବିଭବ ବିକାଶ ପାଇଁ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ ରହିଛି। ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତି ଗ୍ରାମକୁ ସ୍ମାର୍ଟ ଗ୍ରାମରେ ପରିଣତ କରାଯିବ। ଗାଁ ହସିଲେ ରାଜ୍ୟ ହସିବ। ୨୦୪୭ ସୁଦ୍ଧା ଭାରତବର୍ଷକୁ ସାରା ବିଶ୍ୱରେ ୧ ନଂ. କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି। ଏହାକୁ ସାକାର ପାଇଁ ଏହି ଯୋଜନା ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଥିଲେ। ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏଡିଏମ୍ ନିଲୁ ମହାପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲାର ୯ ଜଣ ବରିଷ୍ଠ ଅଧିକାରୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦାୟିତ୍ୱ ଦିଆଯାଇଥିଲା।

# ଫାଇନାଲରେ କଟକର ରୋଭର୍ସ ଦଳ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଡେରାବିଶ, ୫।୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଡେରାବିଶ ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ପ୍ରଥମ ସେମିଫାଇନାଲ ଜିତି କଟକର ରୋଭର୍ସ କ୍ରିକେଟ ଦଳ ଫାଇନାଲରେ ପହଞ୍ଚିଛି। ରୋଭର୍ସ ଦଳ ଟୁର୍ନାମେଂଟ ଆୟୋଜକ ଡେରାବିଶ କ୍ରିକେଟ କ୍ଲବକୁ ୧୮ ରନରେ ପରାସ୍ତ କରିଛି। ଟସ ଜିତିଥିବା ଡେରାବିଶ ଦଳଠାରୁ ଆମନ୍ତ୍ରଣ ପାଇଁ ପ୍ରଥମେ ବ୍ୟାଟିଂ କରିଥିବା କଟକର ରୋଭର୍ସ ଦଳ ୨୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଜ୍ଞାନରତ୍ନ ବଳିୟାର ସିଂହ ଓ ସୌମ୍ୟରଞ୍ଜନ ପରିଡା ୩୬ରନ ଲେଖାଏ କରିଥିଲେ। ଡେରାବିଶ ଦଳ ପକ୍ଷରୁ ସୟଦ ଅମନ ଅଲ୍ଲୀ ୨୬ରନ ବିନିମୟରେ ୫ଗୋଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଡେରାବିଶ ଦଳ ୨୧.୧ ଓଭରରେ ୧୩୧ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଡେରାବିଶ ଦଳର ଖେଳାଳି ସୟଦ ମୋକିମ ୩୫ରନ କରିଥିଲେ। ରୋଭର୍ସ ଦଳର ଜ୍ଞାନରତ୍ନ ୩ ଉଇକେଟ ଅକ୍ତିଆର କରିଥିଲେ। ତେବେ ଉଭୟ ବୋଲିଂ ଓ ବ୍ୟାଟିଂରେ ଅଲରାଉଣ୍ଡ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇଥିବା ଜ୍ଞାନରତ୍ନଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ବିସିସିଆଇ ପ୍ୟାନେଲର ସ୍କୋରର ବୀରବର ନାୟକ ଓ ଗୌରାଙ୍ଗ ପ୍ରଧାନ ଯୋଗଦେଇଥିଲେ। ପ୍ଲାବନ ସ୍ୱାଇଁ ଓ ଅନୁପ କୁମାର ରାଉତ ଅମ୍ପାୟାର କାର୍ଯ୍ୟ ତୁଲାଇଥିଲେ। ଚିରଞ୍ଜିବ ବିଶ୍ୱାଳ ସ୍କୋରର ଏବଂ ନିହାର କୁମାର ସ୍ୱାଇଁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

# ଯୁସିସି, ଗିରିଆ ଚାମ୍ପିୟନ

## ବ୍ରଜକିଶୋର ମେମୋରିଆଲ କ୍ରିକେଟ କପ୍

ରାଜକନିକା,୫।୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍ ଜାଗୁଲାଇପଡ଼ା ପଞ୍ଚାୟତ ଗଞ୍ଜାସ୍ଥିତ ମା' ତାରିଣୀ ଖେଳ ପଡ଼ିଆରେ ଅନୁଷ୍ଠିତ ବ୍ରଜକିଶୋର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚ ଯୁସିସି, ଗିରିଆ ବନାମ ସିରିୟସ ଇଲେଭେନ, ଗଞ୍ଜା ମଧ୍ୟରେ ହୋଇଯାଇଛି। ମ୍ୟାଚରେ ଗିରିଆ ଦଳ ଟସ୍ ଜିଣି ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରରୁ ୧୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲେ। ଜବାବରେ ଗଞ୍ଜା ଦଳ ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗ୍ରହକରି ପରାଜିତ ହୋଇଥିଲା। ଉମାକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କବି ପ୍ରସାଦ ପାତ୍ର, ନିଧିରାମ ନାୟକ, ଭବାନୀ ଶଙ୍କର ରାୟ ଓ ଦେବଜ୍ୟୋତି ଜେନା ପ୍ରମୁଖ ଯୋଗଦେଇଥିଲେ। ଗିରିଆ ଟିମକୁ ଚାମ୍ପିୟନ ଟ୍ରଫି ସହ କ୍ୟାଶ୍ ପ୍ରାଇଜ୍ ୭୯୯୯ ଟଙ୍କାର ଚେକ୍ ଏବଂ ରନର ଅପ୍ ଟିମ୍ ଗଞ୍ଜାକୁ ଟ୍ରଫି ସହ କ୍ୟାସ୍ ପ୍ରାଇଜ୍ ୪୯୯୯ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ସିରିଜ ଶୁଭକାନ୍ତ ବେହେରା ଓ ମ୍ୟାନ୍ ଅଫ୍ ଦି ମ୍ୟାଚ ମଙ୍ଗଳ ଆଶିଷଙ୍କୁ ମଧ୍ୟ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଉତ୍ତମ ବେହେରା ଓ ଡ୍ୟାନ୍‌ସିଂ ବିକନ୍ ଖେଳ ପରିଚାଳନା କରିଥିଲେ। ନବଜ୍ୟୋତି ପାଠାଗାରର ସମସ୍ତ ସଭ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।




ଚାମ୍ପିୟନ ଦଳକୁ ଅତିଥମାନେ ଟ୍ରଫି ଓ ଚେକ୍ ପ୍ରଦାନ କରୁଛନ୍ତି।

# ନାବାଳିକା ବଳାତ୍କାର ମାମଲାରେ ୨୦ ବର୍ଷ ଜେଲ

କେନ୍ଦ୍ରାପଡ଼ା, ୫।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ମାମଲା (ନଂ. ୮୦/୧୮)ର ବୁଧବାର ଫଇସଲା ହୋଇଛି। ଆଡିସନାଲ ଡିଷ୍ଟ୍ରିକ୍ ଜଜ୍ କମ୍ ସେସନ୍ସ ଜଜ୍ ପ୍ରଜ୍ଞା ପାରମିତା ରାଉଳ ଏହି ପୋକ୍‌ସୋ ମାମଲାର ଶୁଣାଣି କରି କଟକ ଜିଲା ମାହାଙ୍ଗା ଥାନା ହଳଦିଆ ଗ୍ରାମର ମିହିର କୁମାର ସିଂଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଜରିମାନା ବାବଦ ୫୦ ହଜାର ଟଙ୍କା ଅନାଦେୟରେ ୧ ବର୍ଷ ଜେଲ ହେବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ମାମଲା ପରିଚାଳନାକାରୀ ସ୍ୱେଶାଲ ପିପି ଆଇନଜୀବୀ ମନୋଜ ସାହୁ କହିଛନ୍ତି, ମିହିର ୨୦୧୮ ମେ ୨୩ ଅପରାହ୍ନରେ ନାବାଳିକା ପୀଡିତା ଘର ନିକଟସ୍ଥ ଡାକବଙ୍ଗଳା ପରିସରରେ ସାନ ଭାଇ ଓ ପଡ଼ିଶା ଘରର ଏକ ସାନ ଝିଅ ସହ ଖେଳୁ ଥିଲେ। ମିହିର ସେମାନଙ୍କ ନିକଟକୁ ଆସି ସାନ ଭାଇ ଓ ପଡ଼ିଶା ଘରର ଝିଅକୁ ଚକୋଲେଟ ପାଇଁ ପଠାଇ ଦେଇଥିଲେ। ଏଥିସହ ଡାକବଙ୍ଗଳା ଘରକୁ ଏହି ଝିଅକୁ ଡାକି ନେଇ ବଳାତ୍କାର କରିଥିଲେ। ସାନଭାଇ ଡାକବଙ୍ଗଳାକୁ ଆସିବା ବେଳେ ପୀଡ଼ିତା ଚିତ୍କାର ଶୁଭିଥିଲା। ସେଠାରେ ପହଞ୍ଚିବା ପରେ ମିହିର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ପୀଡିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ପରେ ମିହିରଙ୍କୁ ଗିରଫ କରିଥିବା ଆଇନଜୀବୀ ସାହୁ ସୂଚନା ଦେଇଛନ୍ତି।

# ଧାନ ମଣ୍ଡି ଉଦ୍‌ଘାଟିତ

କୁଜଙ୍ଗ,୫।୨(ମନୋଜ ପ୍ରଧାନ)

ଚାଷୀମାନେ ଅଦିନିଆ ବର୍ଷା ଯୋଗୁ ନାହିଁ ନ ଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି। ତେଣୁ ନିୟନ୍ତ୍ରିତ ବଜାର କମିଟି ଓ ମିଲରମାନେ ଧାନ ସଂଗ୍ରହ ସମୟରେ ଚାଷୀମାନଙ୍କ ପ୍ରତି ସମ୍ବେଦନଶୀଳ ହୋଇ ମାନ ନିର୍ଦ୍ଧାରଣ ସମୟରେ କୋହଳ ମନୋଭାବ ପୋଷଣ କରିବାକୁ ଜଗନ୍ନାଥପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟନ ଅବସରରେ ଚାଷୀମାନେ ଦାବି କରିଥିଲେ। ସମବାୟ ସମିତି ସଭାପତି ରଘୁନାଥ ସାହୁଙ୍କ ଅଧ୍ୟକ୍ଷତା କରି ଚାଷୀମାନେ ଯେପରି ମଣ୍ଡିରେ ଧାନ ଦେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ କୁଜଙ୍ଗ ପଞ୍ଚାୟତ ସମିତି ସଭ୍ୟା ସସ୍ମିତା ନାୟକ, କୁଜଙ୍ଗର ଅତିରିକ୍ତ ତହସିଲଦାର ବାଇଧର ପ୍ରଧାନ, ନୋଡାଲ ଅଫିସର ଶ୍ରୀନିବାସ ସ୍ୱାଇଁ, କୃଷକ ନେତା ତଥା କ୍ରୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ଜୀବନରେ ସଫଳତା ପାଇଁ ପ୍ରସ୍ତୁତି ଖୁବ୍ ଜରୁରୀ

ପାଟକୁରା, ୫।୨(ରବୀନ୍ଦ୍ର ନାଥ ବାରିକ)

## ଲୋକନାଥ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ




ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଛାତ୍ର ଜୀବନରେ ସଫଳତା ପାଇବା ପାଇଁ ପ୍ରସ୍ତୁତି ଖୁବ୍ ଜରୁରୀ ବୋଲି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ବୁଧବାର ଗରଦପୁର ବ୍ଲକ ଅଧୀନ ଲୋକନାଥ ମହାବିଦ୍ୟାଳୟ ପାଟକୁରା, କୋରୁଆର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ବିଧାୟକ ମହାପାତ୍ର ଏହା କହିଛନ୍ତି। ବିଧାୟକ ନିଜ ଛାତ୍ର ଜୀବନରେ କିଭଳି ନିଜକୁ ପ୍ରସ୍ତୁତିକରି ବିଦେଶରେ କର୍ମସଂସ୍ଥାନ ପାଇପାରିଥିଲେ ସେ ବାବଦରେ ବିଦ୍ୟାର୍ଥୀଙ୍କୁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପାଟକୁରା ବିଧାୟକ ମହାପାତ୍ର ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ. ବେଣୁଧର ପାଢ଼ୀ, ପୂର୍ବତନ ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଚୌଧୁରୀ ସମ୍ମାନିତ ଅତିଥି, ପରିସଂଖ୍ୟାନ ବିଭାଗ ପ୍ରଫେସର ବିଜୟ କୁମାର ନାୟକ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଦିଲୀପ କୁମାର ସାହୁ, ରସାୟନ ବିଭାଗ ମୁଖ୍ୟ ଅଧ୍ୟାପକ ଶଶିକାନ୍ତ ନାୟକ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ଡ. ପାଢ଼ୀ ବିଦ୍ୟାର୍ଥୀମାନଙ୍କୁ ବିପଥଗାମୀ ନ ହେବା ପାଇଁ କାହାଣୀ ଛଳରେ ଅନେକ ଶିକ୍ଷଣୀୟ ବିଷୟ କହିଥିଲେ। ପ୍ରଧାପିକା ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ ପ୍ରଶସ୍ତି ପତ୍ର ପାଠ କରିବା ପରେ ପୂର୍ବତନ ଅଧ୍ୟକ୍ଷ ଡ. ଚୌଧୁରୀଙ୍କୁ ଲୋକନାଥ ମିଶ୍ର ସ୍ମୃତି ସମ୍ମାନରେ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଦ୍ୟାର୍ଥୀଙ୍କୁ ମଧ୍ୟ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଏଥିସହ ମହାବିଦ୍ୟାଳୟର ଥିବା ବିଭିନ୍ନ ଦାବି ସମ୍ପର୍କରେ ବିଧାୟକ ସ୍ୱତନ୍ତ୍ର ଦୃଷ୍ଟିଦେବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ରସାୟନ ବିଭାଗ ଅଧ୍ୟାପିକା ମମତା ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଦିଲୀପ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଶଶିକାନ୍ତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ଜଣେ ଗିରଫ



ଜବତ ମଦ ସହ ଗିରଫ ଅଭିଯୁକ୍ତ

**ଖଣ୍ଡପଡ଼ା,୫।୨(ଅଜୟ କୁମାର ମହାରଣା)**

ଖଣ୍ଡପଡା ଅବକାରୀ କର୍ମଚାରୀ ଖଣ୍ଡପଡ଼ା ସହରର ୧ନଂ. ୱାର୍ଡ ଅଧୀନ କରଡାବଣୀ ଗ୍ରାମରେ ବୁଧବାର ଅଚାନକ ଚଢ଼ାଉ କରି ସାଧୁଆ ରାଉତଙ୍କ ଘରୁ ୨୪ ଲିଟର ଦେଶୀ ମଦ ଜବତ କରିଛି। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଅବକାରୀ ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କଠାରୁ ପ୍ରକାଶ। ଚଢାଉ ଅଭିଯାନରେ ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ମିତାରାଣୀ ନାଏକ, ଦେବୀ ପ୍ରସାଦ ପାଣି ପ୍ରମୁଖ ସାମିଲ ହୋଇଥିଲେ।

### ଚୋରା ମଦ ଜବତ, ଜଣେ ଗିରଫ

**ଦଶପଲ୍ଲା ୫।୨ (ପ୍ରକାଶ କୁମାର ପାଣି)**

ବୁଧବାର ଦଶପଲ୍ଲା ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇ ଚୋରା ମଦ ଜବତ କରାଯିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବୁଲୁ ନାୟକ, ଘର କୁସୁମ ଗାଡିଆ। ସେ ମଦ ନେଇ ଯାଉଥିବା ବେଳେ ବାଟରେ ଅବକାରୀ ବିଭାଗ ଚଢ଼ାଉ କରି ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ମଦର ପରିମାଣ ପ୍ରାୟ ୪୦ ଲିଟର ହେବ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରାଙ୍କ ସୂତ୍ରରୁ ପ୍ରକାଶ।

### ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡ଼ା,୫।୨(ଅଜୟ କୁମାର ମହାରଣା)**



ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣାର ଆବସରପ୍ରାପ୍ତ ଆଦର୍ଶ ଶିକ୍ଷକ ରାଜ କିଶୋର ମହାରଣା (୭୩)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ରାଜକିଶୋର ମହାରଣା ପରଲୋକ ହୋଇଯାଇଥିବା ପରିବାର ସୂତ୍ରରୁ ପ୍ରକାଶ। ସ୍ଥାନୀୟ ନୀଳମାଧବ ବିଦ୍ୟାପୀଠର ୧୯୭୦ ମାଟ୍ରିକ ବ୍ୟାଚର ଛାତ୍ର ସ୍ୱର୍ଗତ ମହାରଣା ବୌଦ୍ଧ ଶିକ୍ଷା ଜିଲାରେ ଶିକ୍ଷକତା ଜୀବନ ଅତିବାହିତ କରି ଗତ ୨୦୧୦ରେ ଅବସର ଗ୍ରହଣ କରିଥିଲେ। ସେ ଜଣେ ବନ୍ଧୁ ବତ୍ସଳ, ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେ ବୌଦ୍ଧସ୍ଥିତ ନିଜ ବାସଭବନରେ ରହୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ଅଙ୍ଗନୱାଡ଼ି କର୍ମୀଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଭିଯୋଗ

- ନୂଆ କର୍ମୀ ନିଯୁକ୍ତି ଦାବି କଲେ ଗ୍ରାମବାସୀ
- ସିଡିପିଓଙ୍କୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ

**ନୂଆଗାଁ, ୫।୨ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ କୁସୁମଗାଡିଆ ଗ୍ରାମରେ ଥିବା ମିନି ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ କର୍ମୀଙ୍କ ମନଇଚ୍ଛା କାର୍ଯ୍ୟ ବିରୋଧରେ ଗ୍ରାମବାସୀ ବୁଧବାର ସିଡିପିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଙ୍ଗନୱାଡି କର୍ମୀଙ୍କ ବଦଳରେ ନୂତନ କର୍ମୀଙ୍କୁ ନିୟୋଜିତ କରିବାକୁ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।

କୁସୁମଗାଡିଆ ଗ୍ରାମର ଏକ ମିନି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରି ଜଣେ କର୍ମୀଙ୍କୁ ନିୟୋଜିତ କରାଯାଇଛ। ଅଙ୍ଗନୱାଡିର କାର୍ଯ୍ୟ କଳାପକୁ ଶୃଙ୍ଖଳିତ କରିବାକୁ ଏକ କମିଟି ମଧ ଗଠନ କରାଯାଇଛି। କିନ୍ତୁ କର୍ମୀ ଜଣକ କାହାରି କଥା ନ ମାନି , କମିଟିକୁ ନ ଜଣାଇ ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଶିଶୁମାନଙ୍କୁ ଗୋଟିଏ ଅଣ୍ଡା ଦେବା ବଦଳରେ ଫାଳେ ଅଣ୍ଡା ଦେଉଛନ୍ତି। ୨ ମାସ ହେଲା କର୍ମୀ ଶିଶୁମାନଙ୍କ ଦାୟିତ୍ୱ ନେଉ ନାହାନ୍ତି କିମ୍ବା କୌଣସି କାର୍ଯ୍ୟ କରୁନାହାନ୍ତି। ଗାଁ କଲ୍ୟାଣ ସମିତି ପାଇଁ ଅର୍ଥ ଆସୁଥିଲେ ମଧ କିଛି କାମ ନ କରି ଏବଂ କାହାରିକୁ ନ ଜଣାଇ ଟଙ୍କା ଉଠାଇ ଆତ୍ମସାତ୍ କରୁଛନ୍ତି। ଏପରିକି ସ୍ୱାସ୍ଥ୍ୟ କାର୍ଡ ମଧ ଲେଖାଯାଇନାହିଁ । ତେଣୁ ସମ୍ପୃକ୍ତ କର୍ମୀଙ୍କୁ ବଦଳାଇ ନୂତନ କର୍ମୀ ନିୟୋଜିତ କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ସିଡିପିଓ ଶୁଭ୍ରକେଶୀ ମଲିକଙ୍କୁ ପଚାରିବାରେ ଅନେକ ଥର ସମ୍ପୃକ୍ତ ଗାଁକୁ ଯାଇ ଅଙ୍ଗନୱାଡି କର୍ମୀଙ୍କୁ ବୁଝାଇଛି। ଗ୍ରାମବାସୀ ଓ କର୍ମୀ ଉଭୟେ ନିଜ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ତେଣୁ ପୁନର୍ବାର ଉକ୍ତ ଗାଁକୁ ଯାଇ ସମାଧାନ କରିବା ପାଇଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।




ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗକାରୀ।

# ଚୋରି କରି ଜେଲ ଗଲେ ପୁଅ



ଜବତ ଟଙ୍କା ଓ ଗହଣା।

### ନିଜ ଘରେ କଳା କନା ବୁଲାଇ ଫସିଲେ

**ନୟାଗଡ଼,୫।୨(ଲୋକନାଥ ମିଶ୍ର)**

ନିଜ ଘରୁ ଚୋରି କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ଖୁଣ୍ଟୁବନ୍ଧ ଗାଁର ପ୍ରଶାନ୍ତ କୁମାର ବାରିକ ଓରଫ କାବୁଲି(୩୦)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ସଦର ଥାନା ପୋଲିସ କାବୁଲିଙ୍କୁ ନୟାଗଡ଼ ଜେଲକୁ ପଠାଇଛି। ଏ ନେଇ ବୁଧବାର ସନ୍ଧ୍ୟାରେ ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ ସଦର ଥାନାରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଗତ ୨ ତାରିଖରେ ଖୁଣ୍ଟୁବନ୍ଧରେ ରାମଲୀଳା ନାଟକ ହେଉଥିଲା। ଖୁଣ୍ଟୁବନ୍ଧର ମାଲିଆ ବାରିକ ଘରେ ତାଲା ପକାଇ ରାମ ନାଟକ ଦେଖିବାକୁ ଯାଇଥିଲେ। ତେବେ ସେହିରାତିରେ ମାଲିଆଙ୍କ ଘରୁ ୫୦ ହଜାର ଟଙ୍କା, ୧ଟି ସୁନାହାର, ୧ଟି ସୁନା ମୁଦି, ୧ ହଳ କାନର ସୁନା ରିଙ୍ଗ, ସୁନା ଲକେଟ, ୨ ହଳ ରୁପା ପାଉଁଜି, ଦୁଇଟି ରୁପା ମୁଦି ଚୋରି ହୋଇଥିଲା। ଚୋରି ନେଇ ମାଲିଆ ୩ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୧୮/୨୫ରେ ମାମଲା ରୁଜୁ କରି ଘଟଣା ତଦନ୍ତ କରିଥିଲା। ତଦନ୍ତରୁ ମାଲିଆଙ୍କ ସାନ ପୁଅ କାବୁଲି ଚୋରି କରିଥିବା ଜଣାପଡିଥିଲା। କାବୁଲିଙ୍କଠାରୁ ଚୋରି ଉପକରଣ ଜବତ କରାଯାଇଛି ବୋଲି କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଆଇଆଇସି ବିଜୟା ସାହୁ, ସେକେଣ୍ଡ ଅଫିସର ଧର୍ମେନ୍ଦ୍ର ଶିଆଳ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଖଣ୍ଡପଡ଼ା ପଞ୍ଚାୟତ ସମିତି ବୈଠକ




ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**ଖଣ୍ଡପଡ଼ା,୫।୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଜନପ୍ରତିନିଧିମାନଙ୍କୁ ନେଇ ପଞ୍ଚାୟତ ସମିତିର ଅଷ୍ଟମ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଉପମା ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ୫ ନଂ. ଜୋନ ଜିଲାପରିଷଦ ସଦସ୍ୟ ରାମେଶ୍ୱର ଶତପଥୀ, ଜିଲାପରିଷଦ ସଭ୍ୟା ଉଜ୍ଜଳ ମହାରଣା, ବିଡିଓ ଅଙ୍କୁର ଅଭିଳାଷ, କଟକ ଲୋକସଭା ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ମଞ୍ଚାସିନ ରହିଥିଲେ। ଜିପିଇଓ ଅନିତ ବଡ଼ସେଟଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନେଇ ବିଭାଗୀୟ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ବୈଠକରେ ଶିକ୍ଷା, ପାନୀୟ ଜଳ, କୃଷି, ଉଦ୍ୟାନ ବିଭାଗ, ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଉପରେ ଆଲୋଚନା କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭିନ୍ନ ପଞ୍ଚାୟତର ଉତ୍କଟ ପାନୀୟ ଜଳ ସମସ୍ୟା ବାବଦରେ ସଭ୍ୟମାନେ ଅଭିଯୋଗ କରିଥିଲେ। ବୈଠକରେ ଖଣ୍ଡପଡ଼ା ବ୍ଲକର ପ୍ରଶାସନିକ ଅଧିକାରୀମାନଙ୍କ ସହ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହିଥିଲେ।

### ଚାଲାଣ ହେବାକୁ ଥିବା ୪୫ ବହ୍ଲା ଜବତ

**ଦଶପଲ୍ଲା,୫।୨ ( ପ୍ରକାଶ କୁମାର ପାଣି)**

ଦଶପଲ୍ଲା ରେଞ୍ଜର ସୁଦର୍ଶନ ଦେହୁରୀଙ୍କ ନିର୍ଦ୍ଦେଶକ୍ରମେ ସାକେଣୀ ସେକ୍ସନର ପଙ୍କାଳସାହି ନିକଟସ୍ଥ ଜଙ୍ଗଲ ଏକ ସ୍ଥାନରୁ ୪୫ ଖଣ୍ଡ ୨୦ ଫୁଟ ଲର ଶାଳ ଓ ଧଉରା ବହ୍ଲାକୁ ବନ ବିଭାଗ ପକ୍ଷରୁ ବୁଧବାର ଜବତ କରାଯାଇଛି। କାଠଗୁଡିକ କଟା ଯାଇ ବାହାରକୁ ଚାଲାଣ କରାଯିବା ପାଇଁ ରଖାଯାଇଥିଲାବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଜବତ କରାଯାଇଥିଲା। ତେବେ ଘଟଣାର ତଦନ୍ତ ଚାଲିଥିବା ରେଞ୍ଜରଙ୍କ ସୂତ୍ରରୁ ଜଣାଯାଇଛି।

### ଝିଅଙ୍କ ସାଙ୍ଗଙ୍କୁ ଅସଦାଚରଣ

#### ଜିଲା ପରିଷଦ କର୍ମଚାରୀ ଗାଁରେ ଦଣ୍ଡିତ

**ନୟାଗଡ,୫।୨(ଲୋକନାଥ ମିଶ୍ର)**

ଝିଅଙ୍କ ନାବାଳିକା ସାଙ୍ଗଙ୍କୁ ଅସଦାଚରଣ କରି ନୟାଗଡ଼ ଜିଲା ପରିଷଦର ଜଣେ କର୍ମଚାରୀ ଗାଁ ସଭାରେ ଜରିମାନା ଦେବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। ଏ ନେଇ ଯଦିଓ ଥାନାରେ ଅଭିଯୋଗ ହୋଇନି ତେବେ ସମ୍ପୃକ୍ତ ଜିଲା ପରିଷଦ କର୍ମଚାରୀଙ୍କ ନାଁରେ ଅସଦାଚରଣ ଭଳି ଅଭିଯୋଗ ବିଭିନ୍ନ ସମୟରେ ହୋଇ ଆସୁଛି। କାରରେ ଲିଫ୍ଟ ଦେଇ କର୍ମଚାରୀ ଜଣକ ଝିଅଙ୍କ ସାଙ୍ଗକୁ ଅସଦାଚରଣ କରିବା ପରେ ସମ୍ପୃକ୍ତ କର୍ମଚାରୀଙ୍କୁ ଜିଲାରୁ ବଦଳି କରିବାକୁ ଦାବି ଉଠିଛି।

ପ୍ରାପ୍ତ ସୂଚନା ଅନୁସାରେ, ଜିଲା ପରିଷଦ କର୍ମଚାରୀଙ୍କ ଝିଅ ଓ ଅସଦାଚରଣ ହୋଇଥିବା ଝିଅ ନୟାଗଡ଼ର ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀରେ ପଢ଼ନ୍ତି। ସୋମବାର ପୀଡିତା ସ୍କୁଲକୁ ଆସୁଥିବାବେଳେ ଜିଲା ପରିଷଦ କର୍ମଚାରୀ ଭଲରେ କଥା ହୋଇ ସ୍କୁଲରେ ଛାଡ଼ି ଦେବେ କହିଥିଲେ। ପରେ କାରରେ ନିଜ ଝିଅଙ୍କ ସାଙ୍ଗକୁ ଅସଦାଚଣ କରିଥିଲେ। ପୀଡିତା ଅସଦାଚରଣ ନେଇ ଘରୋଇ ସ୍କୁଲର ଶିକ୍ଷୟିତ୍ରୀଙ୍କୁ କହିବା ପରେ ଜିଲା ପରିଷଦ କର୍ମଚାରୀଙ୍କ କାରାନାମା ପଦାକୁ ଆସିଥିଲା। ସ୍କୁଲ ପକ୍ଷରୁ ପୀଡିତାଙ୍କ ପରିବାରକୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଘଟଣା ସମ୍ପର୍କରେ ଥାନାକୁ ନ ଜଣାଇ ଗାଁରେ ସଭା ବସିଲା। ଗାଁ ସଭାରେ ଜିଲା ପରିଷଦ କର୍ମଚାରୀ ଭୁଲ ସ୍ୱୀକାର କରି ଅର୍ଥଦଣ୍ଡ ଦେଇଥିଲେ। ଏଭଳି ଘଟଣା ଆଉ କେବେ କରିବେ ନାହିଁ ବୋଲି କହିବା ପରେ ତାଙ୍କୁ ଛଡ଼ାଯାଇଥିଲା।

### ଖଣ୍ଡପଡ଼ାରେ ଚକ୍ଷୁ ପରୀକ୍ଷା ଶିବିର

**ଖଣ୍ଡପଡ଼ା,୫।୨ (ଅଜୟ କୁମାର ମହାରଣା)**

ଖଣ୍ଡପଡା ସହରସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ପରିସରରେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡସ୍ଥିତ ଭୂମିକା ଚକ୍ଷୁ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତରମାନେ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିବା ସହ ପରାମର୍ଶ ପ୍ରଦାନ କରିଥିଲେ। ସର୍ବମୋଟ ୪୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ତନ୍ମଧ୍ୟରୁ ୧୮ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ପରାମର୍ଶ ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ଆଣ୍ଡ୍ରଏଡ କ୍ଲବର ସଦସ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସାମନ୍ତ ଚନ୍ଦ୍ର ଶେଖର ସ୍ମୃତି ମନ୍ଦିର ଓ ପାଠାଗାର ସମ୍ପାଦକ ବିନାୟକ ସାହୁ ଓ ଅନ୍ୟ ସଦସ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିରଟି ପରିଚାଳିତ ହୋଇଥିଲା। ଭୂମିକା ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଅର୍ଚ୍ଚନା ପାତ୍ର ଓ ମନ୍ଦାକିନୀ ନାୟକ ପ୍ରମୁଖ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ।

# ଗ୍ରାମୀଣ ଜୀବନ ଧାରଣମାନର ଅଭିବୃଦ୍ଧି ହେବ

**ଓଡ଼ଗାଁ, ୫।୨ (ଆଦର୍ଶ କୁମାର ପଟ୍ଟନାୟକ )**

**ବିକଶିତ ଗାଁ ବିକଶିତ ଓଡ଼ିଶା**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ ବ୍ଲକ ରୋଡ ସରକାରୀ କଲ୍ୟାଣୀ ମଣ୍ଡପଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ଗାଁ ଏବଂ ପଞ୍ଚାୟତରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଜନତା, ପଞ୍ଚାୟତ ଜନପ୍ରତିନିଧି ଏବଂ ବହୁ ସଂଖ୍ୟାରେ ମହିଳା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ କାର୍ଯ୍ୟକ୍ରମ ସହ ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ମଞ୍ଚାସୀନ ଅତିଥିମାନଙ୍କ ଅଭିଭାଷଣ ସିଧା ପ୍ରସାରଣ ଆଭାସି ମାଧ୍ୟମରେ ସମସ୍ତେ ଦେଖିବା ସହ ଶୁଣିଥିଲେ। ଏହି ଯୋଜନାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ଗାଁ ବ୍ଲକ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ପ୍ରତି ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସହ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଗ୍ରାମୀଣ ଜୀବନରେ ଜୀବନ ଧାରଣମାନର ଅଭିବୃଦ୍ଧି, ଜନଜାତି ସମୁଦାୟ ବସବାସ କରୁଥିବା ଅଞ୍ଚଳରେ ଆନ୍ତଃ ରାଜ୍ୟ ସଡ଼କ ସଂଯୋଗୀ କରଣ, ରାସ୍ତା ଘାଟ ନିର୍ମାଣ, ଯୋଗାଯୋଗ ଗମନାଗମନ, ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି, କ୍ଷୁଦ୍ର ପର୍ଯ୍ୟଟନସ୍ଥଳର ବିକାଶ ଓ ଉନ୍ନତି କରଣ, ପ୍ରାଚୀନ କୀର୍ତ୍ତିରାଜିର ସୁରକ୍ଷା, ଶିକ୍ଷା, କ୍ରୀଡ଼ା ଏବଂ ଅନ୍ୟ ସମସ୍ତ କ୍ଷେତ୍ରରେ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ, ନୂତନ ଅଭିନବ ଜନ ମଙ୍ଗଳକାରୀ ବହୁମୁଖି ପ୍ରକଳ୍ପର ନିର୍ମାଣ କାର୍ଯ୍ୟାନ୍ୱୟନ କରି ଆଗାମୀ ୫ ବର୍ଷ ମଧ୍ୟରେ ୫ ହଜାର କୋଟି ବ୍ୟୟରେ ସମୃଦ୍ଧ ଓଡ଼ିଶାର ନୂତନ ପରିଭାଷା ସୃଷ୍ଟି କରିବାକୁ ସମସ୍ତେ ସଂକଳ୍ପ କରିଥିଲେ।

# ଷୋଳ ପ୍ରହର ନାମଯଜ୍ଞ



ମହିଳାପୁରୁଷ ସଂକୀର୍ତ୍ତନ ଦଳ।

**ଦଶପଲ୍ଲା ୫।୨( ପ୍ରକାଶ କୁମାର ପାଣି)**

ଦଶପଲ୍ଲା ସହରର ହରିଡାବାରି ଗଉଡସାହି ଗ୍ରାମରେ ଷୋଳପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଏହି ନାମଯଜ୍ଞ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ନିକଟସ୍ଥ ପୁଷ୍କରିଣୀରୁ ଜଳ ଧରି ବହୁ ମହିଳାପୁରୁଷ ନାମଯଜ୍ଞସ୍ଥଳକୁ ଆସିଥିଲେ। ଏଥିସହ ପ୍ରଥମ ଦିନରେ ଗ୍ରାମରେ ମଧ ପୌରାଣିକ ନାଟକ ମଞ୍ଚସ୍ଥ ହୋଇଥିଲା। ସେହିପରି ତୃତୀୟ ଦିବସରେ ସମସ୍ତ ସଂକୀର୍ତ୍ତନ ଦଳ ଗ୍ରାମ ପରିଭ୍ରମଣ କରିଥିଲେ। ଗ୍ରାମ ସାରା ଜନସାଧାରଣ ଘର ସମ୍ମୁଖରେ ପୂର୍ଣ୍ଣ କୁମ୍ଭ ସ୍ଥାପନ ସହ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏଥିରେ ବହୁ ସଂକୀର୍ତ୍ତନ ଦଳ ଯୋଗଦାନ କରି ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଗ୍ରାମ କମିଟି ସଭାପତି ପ୍ରଶାନ୍ତ ସାମନ୍ତରା, ସମ୍ପାଦକ ଦିଲୀପ ସାହୁ, ଯୁବ ସାମାଜିକ କର୍ମୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତ ସାହୁ ଏବଂ ପ୍ରଶାନ୍ତ ବେହେରା ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

# ବରିଷ୍ଠ ନାଗରିକ ସଙ୍ଗଠନର ୩ୟ ବାର୍ଷିକ ଉତ୍ସବ

**ରଣପୁର, ୫।୨(ସୁକାନ୍ତ କିଶୋର ଡାକୁଆ)**

ରଣପୁର ବ୍ଲକ ଆନ୍ତର୍ଗତ ଲୋଧାଚୁଆ ପଞ୍ଚାୟତ ଆଞ୍ଚଳିକ ବରିଷ୍ଠ ନାଗରିକ ସଙ୍ଗଠନର ତୃତୀୟ ବାର୍ଷିକ ଉତ୍ସବ ଗୋପୀମୋହନପୁର ଅଚିନ୍ତ୍ୟ ପରମହଂସ ଆଶ୍ରମ ପ୍ରାଙ୍ଗଣରେ ବୁଧବାର ଅବସରପ୍ରାପ୍ତ ଶିକ୍ଷକ ନବ କିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମହାସଂଘର ରାଜ୍ୟ ଉପସଭାପତି ବସନ୍ତ କୁମାର ବାରିକ, ବୃନ୍ଦାବନପୁର ପଞ୍ଚାୟତର ବରିଷ୍ଠ ନାଗରିକମାନଙ୍କ ସଭାପତି ପ୍ରସନ୍ନ କୁମାର ରଥ, ସାମାଜିକ କର୍ମୀ ସୁରେଶ ସ୍ୱାଇଁ, ଲିଙ୍ଗରାଜ ପ୍ରଧାନ, ପୂର୍ବତନ ସରପଞ୍ଚ ଜୟନ୍ତ ନାୟକ, ସରପଞ୍ଚ ସୂର୍ଯ୍ୟନାରାୟଣ ପ୍ରଧାନ, ସମିତି ସଭ୍ୟ ମୀନକେତନ ନାୟକ, କୈଳାସ ଚନ୍ଦ୍ର ସାହୁ, ଗୋପାଳ ପ୍ରଧାନ, ଅନୁଷ୍ଠାନର ସଭାପତି ବୈକୁଣ୍ଠନାଥ ସ୍ୱାଇଁ, ଉପସଭାପତି ସର୍ବେଶ୍ୱର ସ୍ୱାଇଁ, ସମ୍ପାଦକ ନାରାୟଣ ବଳିୟାରସିଂହ, ୱାର୍ଡ ସଭ୍ୟ ଯୁଗଳ କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ବରିଷ୍ଠ ନାଗରିକଙ୍କ ଉଦ୍ଦିଷ୍ଟ ସରକାରଙ୍କ ଆଇନ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଦିବଙ୍ଗତ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ଅତିଥିମାନେ ପଞ୍ଜୀକୃତ ଓ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ଅନୁଷ୍ଠାନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସଙ୍ଗଠନର ଉତ୍ତୋରତର ଉନ୍ନତି ସାଙ୍ଗକୁ ଭାଇଚାରା ସମ୍ପର୍କକୁ ଦୃଢୀକରଣ କରିବା ଅନୁଷ୍ଠାନ ବାହାରେ ଥିବା ବରିଷ୍ଠ ନାଗରିକଙ୍କୁ ସଙ୍ଗଠନରେ ସାମିଲ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବିବରଣୀ ପାଠ କରିଥିଲା ବେଳେ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ଜୟସିଂହ ବରିଷ୍ଠ ନାଗରିକଙ୍କୁ ଫିଜିଓ ଥେରାପିର ସେବା ପ୍ରଦାନ କରିଥିଲେ।




ବୈଠକରେ ବରିଷ୍ଠ ନାଗରିକ ଓ ଅନ୍ୟମାନେ।

# ୩୫୭ ପରିବାରଙ୍କ ରାଶନକାର୍ଡ କଟିଲା

- ଆରସିଏମଏସ୍ ପୋଟାଲ ଲିଙ୍କ ଚିହ୍ନଟ ପରେ କାର୍ଡ ଫେରାଉଛନ୍ତି
- କାର୍ଡ ହାତେଇଛନ୍ତି ୧୩୫୧ ପରିବାରର ସରକାରୀ କର୍ମଚାରୀ, ଅଧିକାରୀ

**ନୟାଗଡ଼,୫।୨(ଲୋକନାଥ ମିଶ୍ର)**

ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଆର୍‌ସିଏମ୍‌ଏସ୍) ଲିଙ୍କରୁ ନୟାଗଡ଼ ଜିଲାରେ ୧୩୫୪ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ରାଶନ କାର୍ଡ ହାତେଇଥିବା ଜଣାପଡିଛି। ସରକାରଙ୍କ ଖୋଲତାଡ଼ ପରେ ସରକାରୀ କର୍ମଚାରୀ ଓ ଅଧିକାରୀ ଛାନିଆ ହୋଇ କାର୍ଡ ଫେରାଇବା ପରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ୩୫୭ ପରିବାରର ୧୩୩୧ ସଦସ୍ୟଙ୍କୁ ରାଶନକାର୍ଡରୁ କାଟିଛନ୍ତି।

ଏଚଆରଏମସ୍ ପୋର୍ଟାଲ ଓ ଫୁଡ୍ ସପ୍ଲାଏ ଆଣ୍ଡ କଞ୍ଜୁମର ୱେଲ ଫେୟାର ପୋର୍ଟାଲ ଲିଙ୍କ ପରେ ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଆରସିଏମଏସ୍) ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଡାଟା ସୋ କରୁଛି। ନୟାଗଡ଼ ଜିଲାରେ ଭାପୁର ବ୍ଲକରେ ୧୬୭, ଦଶପଲ୍ଲାରେ ୧୧୯, ଗଣିଆରେ ୫୮, ଖଣ୍ଡପଡ଼ାରେ ୧୫୬, ଖଣ୍ଡପଡ଼ା ଏନଏସିରେ ୨୧, ନୟାଗଡ଼ରେ ୨୧୯, ନୟାଗଡ଼ ମ୍ୟୁନିସିପାଲିଟିରେ ୪୨, ନୂଆଗାଁ ରେ ୧୪୫, ଓଡ଼ଗାଁରେ ୨୦୪, ରଣପୁର ବ୍ଲକରେ ୨୨୦ ଜଣ ଏପରି ମୋଟରେ ୧,୩୫୧ ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ରାଶନକାର୍ଡ ହାତେଇଥିବା ଚିହ୍ନଟ ହୋଇଛନ୍ତି। ସରକାରୀ ପୋଟାଲରେ ନାଁ ଆସିବା ପରେ ସରକାରୀ ବାବୁ ଓ କର୍ମଚାରୀ ଛାନିଆ ହୋଇ କାର୍ଡ ଫେରାଇ ଚାଲିଛନ୍ତି। ୨୦୧୫ରୁ ୨୦୨୫ ପର୍ଯ୍ୟନ୍ତ କାର୍ଡରେ ରାଶନ ଉପକରଣ ନେଇ ଚାଲିଛନ୍ତି।

**ଫସିଲେଣି ଆୟକର ଟିକସଦାତା**

ଗ୍ରାମାଞ୍ଚଳରେ ୧୦ ହଜାରରୁ କମ ଆୟ ଓ ସହରାଞ୍ଚଳରେ ୧୫ ହଜାରରୁ କମ ଆୟ ଥିଲେ ରାଶନକାର୍ଡ ପାଇଁ ଆବେଦନ କରାଯାଇପାରିବ। ତେବେ ବହୁ ଲୋକ ଗ୍ରାମାଞ୍ଚଳରେ ରହିବା ପାଇଁ ଘର ନ ଥିବାବେଳେ ସେମାନେ ବି ରାଶନକାର୍ଡ ପାଉନାହାନ୍ତି। ତେବେ ଆୟକର ଟିକସଧାରୀ ଫନ୍ଦି ଫିକର କରି ରାଶନ କାର୍ଡ ହାତେଇ ଗରିବଗୁରୁବାଙ୍କ ପାଇଁ ଥିବା କାର୍ଡ ପାଇବାରେ ବାଧା ସୃଷ୍ଟି କରି ଆସିଛନ୍ତି। ଦାରିଦ୍ର ସୀମାରେଖା ତଳେ ଥିବା ଅନେକ ଲୋକ ଏଯାବତ ବି କାର୍ଡ ପାଇଁ ଆବେଦନ କରି ପାଇ ପାରିନାହାନ୍ତି। ଜିଲାରେ ୪,୪୩୯ ପରିବାରର ୧୯,୦୧୮ ସଦସ୍ୟ ଆୟକର ଟିକସ ଓ ସେମାନଙ୍କ ରୋଜଗାର ଅଧିକ ଥିବା ଜଣାପଡ଼ିଛି। ସମ୍ପୃକ୍ତ ଲୋକମାନେ ଜିଲା ଯୋଗାଣ ବିଭାଗର ସ୍କାନରକୁ ଆସିବା ପରେ ୫ ପରିବାରର ୨୨ଜଣଙ୍କ ରାଶନକାର୍ଡରୁ ନାଁ ହଟିଲାଣି। ରାଶନ କାର୍ଡ ଫେରାଇବା ଘଟଣା ଏବେ ଭୟର ବାତାବରଣ ସୃଷ୍ଟି କଲାଣି। ଏ ନେଇ ଗଣିଆର ରାମଚନ୍ଦ୍ର ନାୟକ, ରଣପୁରର ସଦାଶିବ ପ୍ରଧାନ, ନୟାଗଡ଼ର ଭରତ ବେହେରା କୁହନ୍ତି ଆମ ପରି ବହୁ ଗରିବ ଲୋକ ରାଶନ କାର୍ଡ ପାଇଁ ବାରମ୍ବାର ଆବେଦନ କରିସାରିଛୁ। ବିଭିନ୍ନ ସମୟରେ ଜିଲାପାଳ, ଉପଜିଲାପାଳ, ବିଡିଓ, ସରପଞ୍ଚ, ବିଧାୟକଙ୍କୁ ଅଭିଯୋଗ କରି କରି ଥକି ପଡିଥିଲେ ମଧ ସୁଫଳ ପାଇନୁ। ଏବେବି ସଂଗ୍ରାମ ଜାରି ରହିଛି। ଆମ କାର୍ଡକୁ ସରକାରୀ କର୍ମଚାରୀ ଓ ଅଧିକାରୀ, ସ୍ୱଚ୍ଛଳବର୍ଗର ଲୋକ ଓ ଆୟକର ଟିକସଧାରୀ ହାତେଇ ନେଇଥିବାରୁ ଗରିବ ଲୋକ ଅଣଦେଖା ହୋଇ ରହି ଅଭିଶପ୍ତ ଜୀବନଯାପନ କରୁଛୁ। ଏବେ କିଛି କାର୍ଡ ଡିଲିଟ୍ ହେବା ପରେ ନୂଆ କାର୍ଡ ମିଳିବାର ଆଶ ସଞ୍ଚାର ହୋଇଛି। ଦେଖାଯାଉ ଆମ ଭାଗ କେତେବେଳେ ଆସୁଛି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ଜିଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି ଏଚଆରଏମସ୍ ପୋର୍ଟାଲ ଓ ଫୁଡ୍‌ସପ୍ଲାଏ ଆଣ୍ଡ କଞ୍ଜୁମର ୱେଲ ଫେୟାର ପୋର୍ଟାଲ ଲିଙ୍କ ପରେ ରାଶନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଆରସିଏମଏସ୍) ରୁ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କ ଡାଟା ସୋ କରୁଛି। ଡାଟା ସୋ କରିବା ପରେ ସରକାରୀ କର୍ମଚାରୀ କାର୍ଡ ଫେରାଉଛନ୍ତି। ସେହିପରି ଆୟକର ଟିକସଧାରୀ କାର୍ଡ ମଧ ଫେରାଇବା ଆରମ୍ଭ କରିଛନ୍ତି।

